# ରାତିଅଧିଆ ପିଏମ୍‌ଶ୍ରୀ ବିଦ୍ୟାଳୟ ଗୃହ ନିର୍ମାଣକୁ ବିରୋଧ

## ଗୃହ ନିର୍ମାଣ ବାହାନାରେ ବିରାଟ ଗଛ କାଟିଦେଲେ

ରାଜଘାଟ, ୩୧ା୧ (ସମିସ)

ବସ୍ତା ବ୍ଲକ କୁଳିଦା ପଞ୍ଚାୟତ ଗୁଡ଼ିଖାଳ ପିଏମ୍ ଶ୍ରୀ ବନବିହାରୀ ଲାଲ ଉଚ୍ଚ ବିଦ୍ୟାଳୟରେ ରାତି ଅଧିଆ ବିନା ଫଳକ ବିନା ଅଧିକାରୀଙ୍କ ଉପସ୍ଥିତିରେ ଢଳେଇ ପକାଇବାକୁ କେନ୍ଦ୍ରକରି ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ଏହି କାର୍ଯ୍ୟ କେଉଁ ବିଭାଗ କେତେ ଟଙ୍କାର କାର୍ଯ୍ୟ ସେବିଷୟ ରେ କାହା ନିକଟରେ କୌଣସି ତଥ୍ୟ ନାହିଁ। ବିଡ଼ିଓ ମିହିର ରଞ୍ଜନ ବେହେରାଙ୍କୁ ପଚରା ଯାଇଥିବା ବେଳେ ସେ ଏହି କାର୍ଯ୍ୟ ବିଷୟରେ ଅବଗତ ନଥିବା ପ୍ରକାଶ କରିଥିବା ବେଳେ ବସ୍ତା ଗୋଷ୍ଠି ଶିକ୍ଷା ଅଧିକାରୀ ଯଜ୍ଞେଶ୍ୱର ଜେନା ମଧ୍ୟ ଅନୁରୂପ ଭାବେ ଏହି କାର୍ଯ୍ୟ ବିଷୟରେ ଅବଗତ ନ ଥିବା ପ୍ରକାଶ କରିଛନ୍ତି। ଗ୍ରାମ୍ୟ ଗୃହ ନିର୍ମାଣ ନିକଟରେ ମଧ ଏହି ଗୃହ ନିର୍ମାଣ ନେଇ କୌଣସି ତଥ୍ୟ ନ ଥିବା ଜଣାଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ୧୮ ଲକ୍ଷ ୩୩ ହଜାର ଟଙ୍କା ମଞ୍ଜୁର ହୋଇଥିବା ଜଣା ପଡ଼ିଛି। ଏହି ଗୃହ ନିର୍ମାଣ ବାହାନାରେ ଏକ ବିରାଟ ଆକାସି ଗଛ କାଟି ଦେଇଥିବାବେଳେ ବନ ବିଭାଗକୁ କୌଣସି ଖବର ନଥିବା ଜଣାପଡ଼ିଛି। ରାତି ଅଧିଆ ନିର୍ମାଣ କାର୍ଯ୍ୟ ଚାଲୁଥିବା ପୂର୍ବତନ ସରପଞ୍ଚ ଅତୁଲ କୁମାର ଜେନା, ଅନିଲ କୁମାର ସାହୁ ପ୍ରକାଶ କରିଛନ୍ତି। ସଠିକ୍ ସୂଚନା ଫଳକ ଓ ସଠିକ୍ ତଥ୍ୟ ବିନା ଏହି କାର୍ଯ୍ୟକୁ କରାଯାଇ ପାରିବ ନାହିଁ ବୋଲି ସ୍ଥାନୀୟ ଅଞ୍ଚଳବାସି ତାଗିଦ୍ କରିଥିବା ବେଳେ ଆଜି ଏହି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ଥିବା ଦେଖିବାକୁ ମିଳିଛି।



# ମହାଶିବରାତ୍ରୀ ଉପଲକ୍ଷେ ଚନ୍ଦନେଶ୍ୱର ଟ୍ରଷ୍ଟବୋର୍ଡ ପ୍ରସ୍ତୁତି ବୈଠକ

ଚନ୍ଦନେଶ୍ୱର, ୩୧ା୧ (ସମିସ): ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ ପୂର୍ବ ଭାରତର ପ୍ରସିଦ୍ଧ ଶୈବପୀଠ ବାବା ଚନ୍ଦନେଶ୍ୱରଙ୍କ ପୀଠରେ ଆସନ୍ତା ଫେବୃଆରୀ ୧୫ ତାରିଖ ରବିବାର ଅନୁଷ୍ଠିତ ହେବାକୁ ଯାଉଥିବା ମହାଶିବରାତ୍ରି ଓ ଜାଗର ମେଳା ପାଇଁ ବ୍ୟାପକ ପ୍ରସ୍ତୁତି ଟ୍ରଷ୍ଟବୋର୍ଡ ତରଫରୁ ଗ୍ରହଣ କରାଯାଇଛି। ଶନିବାର ସକାଳ ୧୦ ଘଟିକା ସମୟରେ ଚନ୍ଦନେଶ୍ୱର ମନ୍ଦିର ପରିସରରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସଙ୍କ ପୌରୋହିତ୍ୟରେ ଚନ୍ଦନେଶ୍ୱର ଟ୍ରଷ୍ଟବୋର୍ଡର ମହା ଶିବରାତ୍ରି ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଭୋଗରାଇ ତହସିଲଦାର ତଥା ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟ କୁମାର ନାୟକ ଉପସ୍ଥିତ ରହି ସମସ୍ତ ସଦସ୍ୟଙ୍କର ମତାମତ ନେଇ ମହାଶିବ ରାତ୍ରିକୁ ଶୃଙ୍ଖଳିତ କରିବା ପାଇଁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୋଗରାଇ ବ୍ଲକ ଅଧକ୍ଷ ପ୍ରବୀର କୁମାର ଗିରି, ମୌରସୀ ତପନ କୁମାର ପଣ୍ଡା, ତାଳସାରୀ ସାମୁଦ୍ରିକ ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା, ଉପମୌରସୀ ବୁଦ୍ଧଦେବ ପଣ୍ଡା, ଭୋଗରାଇ ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ହରିପ୍ରିୟା ମହନ୍ତ, ଭୋଗରାଇ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ କମଳାକାନ୍ତ ଜେନା, ଭୋଗରାଇ ଅଗ୍ନିଶମ ବିଭାଗର ଷ୍ଟେସନ ଅଫିସର ଦୈତାରୀ ନାୟକ, ଭୋଗରାଇ ତହସିଲର ସୁପରଭାଇଜର ପ୍ରଦୀପ କୁମାର ଭଞ୍ଜ, ଚନ୍ଦନେଶ୍ୱର ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ଦୀପ୍ତିକାନ୍ତ ନାୟକ, ଅକ୍ଷୟ କୁମାର ବେହେରା, ସୁଦିପ କୁମାର ଦେ, ସୁଶାନ୍ତ କୁମାର କର ପ୍ରମୁଖ ଉପସ୍ଥିତ ଥିଲେ।



# ନୀଳଗିରି ସିଭିଲ କୋର୍ଟରେ ରକ୍ତଦାନ ଶିବିର

ନୀଳଗିରି, ୩୧ା୧ (ସମିସ): ନୀଳଗିରି ବାର ଆସୋସିଏସନ୍, ଉପଖଣ୍ଡ ଆସୋସିଏସନ୍ ଏବଂ ମୋହରିର ସଂଘ ମିଳିତ ଆନୁକୂଲ୍ୟରେ ଶନିବାର ନୀଳଗିରି ସିଭିଲକୋର୍ଟ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ବାଲେଶ୍ୱର ଜିଲ୍ଲା ଦୌରାଜଜ୍ ସତ୍ୟନାରାୟଣ ମିଶ୍ର ଉଦ୍‌ଘାଟନ କରିଥିଲା ବେଳେ ନୀଳଗିରି ଅତିରିକ୍ତ ଜିଲ୍ଲାଜଜ୍ ସ୍ରୋତସ୍ୱିନି କର, ସବ୍‌ଜଜ ସୁନନ୍ଦା ପ୍ରଧାନ, ଏସ. ଡି.ଜେ. ଏମ ସୁଶ୍ରୀ ମୋନାଲିସା ପଣ୍ଡା ଉପସ୍ଥିତ ରହିଥିଲେ। ନୀଳଗିରିର ଉଭୟ ଓକିଲ ସଂଘ ଓ ମୋହରିର ସଂଘର କର୍ମକର୍ତ୍ତା ଉପସ୍ଥିତ ରହି ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ। ଏହି ଶିବିରରୁ ମୋଟ ୬୫ ୟୁନିଟ ରକ୍ତସଂଗ୍ରହ ହୋଇଥିଲା। ନୀଳଗିରି ଓକିଲସଂଘର ସଭାପତି ଅମରେନ୍ଦ୍ର କୁମାର ପଟ୍ଟନାୟକ, ସମ୍ପାଦକ ଦେବେନ୍ଦ୍ର ପଣ୍ଡା, ଉପଖଣ୍ଡ ଓକିଲସଂଘର ସଭାପତି ଚିତ୍ତରଞ୍ଜନ ଷଡ଼ଙ୍ଗୀ, ସମ୍ପାଦକ କିଶୋର କୁମାର ଦାସଙ୍କ ସମେତ ଆଇନଜୀବୀ ପିତାମ୍ବର ଜେନା, ବିନୟ ପ୍ରଧାନ, ଦିଗମ୍ବର ସ, କରୁଣାକର ସ୍ୱାଇଁ, ଅମିୟ ନାୟକ, ଶୁଭେନ୍ଦ୍ର ବିଶ୍ୱାଳ, ବିଘ୍ନେଶ୍ୱର ବାରିକ, ଚିରଞ୍ଜିବୀ ପାଣିଗ୍ରାହୀ, ନିବେଦିତା ଜେନା, ରାଜଲକ୍ଷ୍ମୀ ପଟ୍ଟନାୟକ, ଜୟନ୍ତ ସ ପ୍ରମୁଖଙ୍କ ସହିତ ମୋହରିର ସଂଘର ସମ୍ପାଦକ ଗୌରହରି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



# ବାରବାଟିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଭୋଗରାଇ, ୩୧ା୧ (ସମିସ) : ବିଦ୍ୟାଳୟ ଏକ ମଣିଷ ତିଆରି କାରଖାନା ସେଠାରେ ଛାତ୍ର ଛାତ୍ରୀ ଭଲ ମଣିଷ ହୁଅନ୍ତୁ ବୋଲି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ବାରବାଟିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆୟୋଜିତ ୩୬ ତମ ବାର୍ଷିକ ଉତ୍ସବରେ ବିଶିଷ୍ଟ ଅତିଥିମାନେ ମତପ୍ରକାଶ କରିଛନ୍ତି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ ଖଟୁଆଙ୍କ ଅଧକ୍ଷତାରେ ଅଧ୍ୟାପକ ପ୍ରଦୀପ କୁମାର ପରିଡ଼ା ମଞ୍ଚ ଆହ୍ୱାନ କରିଥିଲେ। ମୃତ୍ୟୁଞ୍ଜୟ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ମୁଖ୍ୟବକ୍ତା ଭାବେ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପକ ନୀଳକଣ୍ଠ ଖଣ୍ଡା, ସମ୍ମାନିତ ଅତିଥି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିହର ପାତ୍ର, ଜିଲାପରିଷଦ ପୂର୍ବତନ ଅଧକ୍ଷା ନିବେଦିତା ମହାନ୍ତି, କମର୍ଦ୍ଦା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଅନନ୍ତ ପାତ୍ର, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ଭୂପେଶ ଚନ୍ଦ୍ର ପାତ୍ର ପ୍ରମୁଖ ବୌଦ୍ଧିକ ଓ ଆଧ୍ୟାତ୍ମିକବାଦ ସମ୍ପର୍କରେ ମତ ପ୍ରକାଶ କରିଥିଲେ। ଅଧ୍ୟାପକ ବିଜୟ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ଦୀପାଳୀ ମହାନ୍ତି, ଗୀତିଶୁଦ୍ଧା ଦତ୍ତ, ମୃତ୍ୟୁଞ୍ଜୟ ପାତ୍ର, ସୁକାନ୍ତ ଶେଖର ପାତ୍ର, ଅଜିତ କୁମାର ପାତ୍ର, ସଞ୍ଜୀବ କୁମାର ପାତ୍ର ସହ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଅଣଶିକ୍ଷା କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।




# ରାଇଶୋଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ




ଜଳେଶ୍ୱର, ୩୧ା୧(ସମିସ): ରାଇଶୋଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ବିଜେପି ରାଜ୍ୟ ଉପସଭାନେତ୍ରୀ ସିପ୍ରା ବାଜପେୟୀ ଯୋଗଦେଇ ସାମ୍ପ୍ରତିକ ସମାଜରେ ଛାତ୍ରଛାତ୍ରୀ ସଂସ୍କାରୀ ହେବାକୁ ଆହ୍ୱାନ ଜଣାଇଥିଲେ। ମୁଖ୍ୟବକ୍ତା ଭାବେ ବିଦ୍ୟା ମନ୍ଦିର ସମ୍ପାଦକ ଦେବେନ୍ଦ୍ର କୁମାର ମହାଳିକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଆରସିସି ଗିରିଶ ଚନ୍ଦ୍ର ବେଜ, ପୂର୍ବତନ ରାଇବଣିଆ ମଣ୍ଡଳ ସଭାପତି ମନୋଜ ସାସମଲ, ଅରୁଣ ଜେନା, ଚେୟାରମ୍ୟାନ ବ୍ୟମକେଶ ଜେନା ମଞ୍ଚରେ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ସରପଞ୍ଚ ଅଜୟ ମହାନ୍ତି ସଭାପତିତ୍ୱ କରିଥିବା ବେଳେ ଗୁରୁଜୀ ମନୋଜ ଦେ ମଞ୍ଚ ଆହ୍ୱାନ କରିଥିଲେ। ଅମରେଶ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗୀତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଛାତ୍ରୀ ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ




କାଳିପଦା, ୩୧ା୧ (ସମିସ): ଜାମଶୂଳୀସ୍ଥିତ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ସଭା ଗୃହରେ ଶନିବାର ଛାତ୍ରୀ ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦଘାଟିତ ହୋଇ ଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଧାପକ ଦିବ୍ୟେନ୍ଦୁ ଗିରି କାର୍ଯ୍ୟକ୍ରମକୁ ଉଦଘାଟନ କରି ସାମ୍ପ୍ରତିକ ସମୟରେ ଛାତ୍ରୀମାନଙ୍କର ଆତ୍ମରକ୍ଷାର ବିଭିନ୍ନ ଦିଗ ଓ ତାର କାର୍ଯ୍ୟକାରିତା ଉପରେ କହିଥିଲେ। ଇଂରାଜୀ ବିଭାଗ ପ୍ରଧାପକ ଦେବବ୍ରତ ଦାସ, ସଂଗ୍ରାମ କେଶରୀ ନାୟକ, ବରିଷ୍ଠ ଅଧ୍ୟାପକ ସୁକାନ୍ତ କୁମାର ଗିରି, ତାଲିମ ଶିକ୍ଷୟିତ୍ରୀ ସସ୍ମିତା ପାଳ, ମମତା ରଣା ପ୍ରମୁଖ ଯୋଗ ଦେଇ ଛାତ୍ରୀମାନଙ୍କୁ ଦିଗଦର୍ଶନ ପ୍ରଦାନ କରିଥିଲେ। ପଦାର୍ଥ ବିଜ୍ଞାନ ଅଧ୍ୟାପକ ପ୍ରଭାତ ରଞ୍ଜନ ଦାସ ପ୍ରାକ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ସ୍ୱାଗତିକା ଜେନା ଓ ଅଧ୍ୟାପିକା ସୁଦେଷ୍ଣା ଦେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଜଳେଶ୍ୱର ବ୍ଲକ, ୩୧ା୧(ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ କାଳିକ ପଞ୍ଚାୟତରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୩ୟ ବାର୍ଷିକ ଉତ୍ସବ ପାଳିତ ହୋଇଛି। ବାର୍ଷିକ ବୀବରଣୀ ପାଠ ସହିତ ଅଧ୍ୟକ୍ଷତା କରିଥିଲେ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ରଞ୍ଜିତା ଟୁଡୁ, ମଞ୍ଚ ଆହ୍ୱାନ କରିଥିଲେ ଶିକ୍ଷକ ଦେବାଞ୍ଜନ ବେରା। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ମୁଖ୍ୟବକ୍ତା ଭାବେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି ବକ୍ତବ୍ୟ ରେ ଈଶ୍ୱରଙ୍କ ପ୍ରତି ଭକ୍ତି ଆଧ୍ୟାତ୍ମିକ ଚିନ୍ତା ଧାରାରେ ମଣିଷର ଚିନ୍ତା ଚେତନାର ଛାତ୍ର ଛାତ୍ରୀ ମାନଙ୍କୁ ଉପଦେଶ ଦେଇଥିଲେ। ସମ୍ମାନୀତ ଅତିଥି ଓଡ଼ିଆ ବିଶ୍ୱବିଦ୍ୟାଳୟ ପୁରୀ ର ଆସୋସିଏଟ ପ୍ରଫେସର ଡ .ରାଧା ଗୋବିନ୍ଦ କୋଇଲା, ଜଳେଶ୍ୱର ପୌରପାଳିକା ପୌରାଧିକରି ହେମନ୍ତ ସିଂ, ଖୁଆଡ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁକଦେବ ପ୍ରମାଣିକ, ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମୁଖ୍ୟ ଡ. ଭୀଷ୍ମ ଚରଣ ପରିଡ଼ା ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ।ଅତିଥି ଭାବେ କାଳିକ ପଞ୍ଚାୟତର ପୂର୍ବତନ ସରପଞ୍ଚ ଗଙ୍ଗାଧର ଦାସ ଓ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଶିକ୍ଷକ ଶକ୍ତିପଦ ମଣ୍ଡଳ, ସୁନିଲ ପ୍ରଧାନ, ପଙ୍କଜ ଧଳ, ପ୍ରୀତି ମଧୁମିତା କର, ବିଜୟ କର, ରିନାରାଇ ସୋରେନ, ଶୁଭଶ୍ରୀ ମହନ୍ତ, ରାଜେନ୍ଦ୍ର ଗିରି, ଅରବିନ୍ଦ ମହାନ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଦ୍ୟାଳୟ ଶିକ୍ଷକ ଦେବାଂଜନ ବେରା ଧନ୍ୟବାଦ ଅର୍ପଣ କରିଥିଲେ।



# ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭୋଗରାଇ, ୩୧ା୧ (ସମିସ): ଭୋଗରାଇ ବ୍ଲକ ଜଳେଶ୍ୱରପୁର ପଞ୍ଚାୟତରେ ଥିବା ଜଳେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଦକ୍ଷିଣ ଭୋଗରାଇ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ଭୋଗରାଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିହାର ରଞ୍ଜନ ଦାସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଦକ୍ଷିଣ ଭୋଗରାଇ ଓଷ୍ଟାର ସଭାପତି ଶିକ୍ଷକ ମହେଶ୍ୱର ଗିରି ଅଧକ୍ଷତା କରିଥିବାବେଳେ ଓଷ୍ଟାର ସମ୍ପାଦକ ଶାଶ୍ୱତ ଜେନା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମଞ୍ଚାସୀନ ସମ୍ବର୍ଧିତ ପ୍ରତିଭା ଗୋଷ୍ଠୀ ଶିକ୍ଷା ଅଧିକାରୀ, ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଦତ୍ତ, ସୁବାଷ ଦତ୍ତ, ଗୌରହରି ଦାସ, ପୂର୍ବତନ ସଭାପତି ଶ୍ରୀନିବାସ ପ୍ରଧାନ, ସମ୍ପାଦକ ନଟରୋଞ୍ଜନ ଘଡାଇ, ଉପସ୍ଥିତ ଥିଲା ବେଳେ ଦକ୍ଷିଣ ଭୋଗରାଇ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବିଜ୍ଞାନ ଶିକ୍ଷୟତ୍ରୀ ବିଦ୍ୟୁତପ୍ରଭା ନନ୍ଦୀ ମଞ୍ଚ ଆହ୍ୱାନ କରିଥିବା ବେଳେ କ୍ରିଷ୍ଣାରାଣୀ ବେହେରା ବେଦପାଠ କରିଥିଲେ। ଗୋବର୍ଦ୍ଧନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।




# ଉଚ୍ଛେଦ ପୂର୍ବରୁ ଘର ଭାଙ୍ଗିଲେ ପରିବାର

ସୋର, ୩୧ା୧(ସମିସ): ସୋର ପୌରପାଳିକା ଅନ୍ତର୍ଗତ ଛତ୍ରପୁର ଗ୍ରାମରେ ଆଗାମୀ ଚାରି ତାରିଖରେ ଜବର ଦଖଲ ଉଚ୍ଛେଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରଶାସନ ତରଫରୁ ମାପ କରି ଜବର ଦଖଲ ଜାଗା ଚିହ୍ନଟ କରିଥିଲେ। ଏଥିରେ ଗ୍ରାମର ବାପି ଭୌମିକଙ୍କ ଘରର କିଛି ଅଂଶ ଭଙ୍ଗା ଯିବାକୁ ଚିହ୍ନଟ କରାଯାଇଥିଲା।ଏହା ପରେ ପ୍ରଶାସନର ନିଷ୍ପତ୍ତିକୁ ସମ୍ମାନ ଜଣାଇ ବାପି ପ୍ରଶାସନ ତରଫରୁ ଚିହ୍ନଟ କରାଯାଇଥିବା ସ୍ଥାନରୁ ଜବର ଦଖଲକୁ ଉଚ୍ଛେଦ କରିଛନ୍ତି।

# ଗଛକଟାକୁ ବିରୋଧ କରି ଡିଏଫଓଙ୍କୁ ଦାବିପତ୍ର

ସୋର, ୩୧ା୧(ସମିସ): ବିଶ୍ୱ ତାପମାନ ଉଦବେଗଜନକ ଭାବେ ବଢ଼ି ଚାଲିଛି। ବାଲେଶ୍ୱରରେ ବାୟୁ ଗୁଣବତ୍ତା ମାନ ଅତ୍ୟନ୍ତ ନୈରାଶ୍ୟଜନକ ସ୍ଥିତିରେ ପହଞ୍ଚିଥିବା ବେଳେ ସୋରରେ ମଧ ସମାନ ପରିସ୍ଥିତି ସୃଷ୍ଟି ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତରଫରୁ ସୂଚୀତ ସୂଚକାଙ୍କ ଠାରୁ ଦୁଇ ଗୁଣାରୁ ଅଧିକ ପ୍ରଦୂଷିତ - ଯେଉଁ ବାୟୁକୁ ଆମେ ଗ୍ରହଣ କରୁଛୁ। ବେଲଗାମ ଗଛକଟା ଉପରେବି ରୋକ୍ ନାହିଁ। ଏହାକୁ ବିରୋଧ କରି ଯୁବ ପରିବେଶବିତ୍ ଜଳେନ୍ଦ୍ର ମହାଳିକ ନିଯୁକ୍ତ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିବା ପରେ ଗଛକଟା କାର୍ଯ୍ୟ କିଛିଦିନ ବନ୍ଦ ଥିଲା। ପୁନର୍ବାର ଏହି କାର୍ଯ୍ୟ ଆରମ୍ଭ ହେବା ଦେଖି ସୋରର ପରିବେଶପ୍ରେମୀ ବ୍ୟକ୍ତିବିଶେଷ ଏବଂ ସ୍ଥାନୀୟ ବାସିନ୍ଦା ମାନେ ଜିଲ୍ଲା ବନ ବିଭାଗ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବିଭାଗୀୟ ଟିମ ଆସି ଘଟଣାର ଅନୁଧ୍ୟାନ କରିବାକୁ ସୋରର ଶତାଧିକ ଜନସାଧାରଣ ଦାବୀ ମାଧ୍ୟମରେ ଜଣାଇଛନ୍ତି।

# ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ପାଇଁ ସଚେତନତା ସଭା

ନୀଳଗିରି, ୩୧ା୧ (ସମିସ): ନୀଳଗିରି ବନଖଣ୍ଡ ଅଧିନ ଜାମୁଡ଼ିଆ ନର୍ସରୀ ଠାରେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ପାଇବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଗ୍ରୀଷ୍ମ ଋତୁରେ ଜଙ୍ଗଲରେ ନିଆଁ ଲାଗିଥାଏ ଯାହା ଫଳରେ ଜଙ୍ଗଲ ରେ ବିଭିନ୍ନ ପ୍ରକାର ମୂଲ୍ୟବାନ ଗଛ ପତ୍ର ସହ ପଶୁପକ୍ଷୀ ଓ ସରୀସୃପ ମଧ୍ୟ କ୍ଷୟ କ୍ଷତି ହୋଇଥାଏ। ଯାହା ଫଳରେ ଗ୍ରିଷ୍ମକୁ ଦୃଷ୍ଟିରେ ରଖି ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ନୀଳଗିରି ବନ ବିଭାଗ ଓ ଅଗ୍ନିଶମ ବାହିନୀ ପକ୍ଷରୁ ମିଳିତ ଭାବରେ ନୀଳଗିରି ଜାମୁଡିଆଠାରେ ଏକ ସଚେତନତା ପ୍ରଶିକ୍ଷଣ ଶିବିରର ଆୟୋଜନ ହୋଇଥିଲା। ଏଥିରେ ୩୭ଟି ଭିଏସଏସ ର ସମସ୍ତ ବନରକ୍ଷୀମାନେ ଯୋଗଦେଇଥିଲେ। ଏହି ଶିବିରରେ ଅଗ୍ନିଶମ ବିଭାଗର ଟିମ୍ ଓ ଶିମିଳିପାଳ ଅଭୟାରଣ୍ୟ ଆସିଥିବା ପ୍ରଶିକ୍ଷକ ଆସି ଲୋକମାନେ କେମିତି ଜଙ୍ଗଲରେ ନିଆଁ ଲାଗିଲେ ଜଙ୍ଗଲକୁ କିପରି ରକ୍ଷା କରିପାରିବେ ସେ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜଳେଶ୍ୱର-ପୁରୀ ମେମୁ ୧୨ଦିନ ଓ ଖଡଗପୁର-ଖୋର୍ଦ୍ଧା ଏକ୍ସପ୍ରେସ୍ ୧୧ଦିନ ବାତିଲ

ଜଳେଶ୍ୱର, ୩୧ା୧(ସମିସ): ଜଳେଶ୍ୱର ଷ୍ଟେସନରେ ଅଧିକ ଟ୍ରେନ୍ ରହଣୀ ଲାଗି ବାରମ୍ବାର ଦାବି ହୋଇ ଆସୁଥିବା ବେଳେ କର୍ତ୍ତୃପକ୍ଷ ନିଦାବିଷ୍ଟୁ ସାଜିଛନ୍ତି। ଅନ୍ୟପକ୍ଷରେ ଖଡଗପୁର ରେଳ ଡିଭିଜନ୍‌ରୁ ପୁରୀ ଓ ଖୋର୍ଦ୍ଧା ଚଳାଚଳ କରୁଥିବା ୨ଟି ଟ୍ରେନ୍‌କୁ ଯଥାକ୍ରମେ ୧୨ଦିନ ଓ ୧୧ଦିନ ଲାଗି ବାତିଲ କରାଯାଇଥିବା ରେଳବିଭାଗ ପକ୍ଷରୁ ପ୍ରକାଶ।

ଜଳେଶ୍ୱରରୁ ପୁରୀ ଯାତ୍ରୀଙ୍କ ଯାତାୟାତ ଲାଗି ୬୮୪୪୧ ଓ ୬୮୪୪୨ ମେମୁ ପ୍ରତିଦିନ ଯାତାୟାତ କରୁଛି। କିନ୍ତୁ ଆଜି ରେଳବାଇର ସହକାରୀ ପରିବହନ ମ୍ୟାନେଜର ସ୍ୱରୂପ ସେନ୍‌ଙ୍କ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତିରେ ଏହି ଟ୍ରେନ୍‌କୁ ବାତିଲ କରାଯାଇଛି। ୬୮୪୪୨ ଟ୍ରେନ୍‌ଟି ଆସନ୍ତା ୧ତାରିଖ ଠାରୁ ଏବଂ ୬୮୪୪୧ ଟ୍ରେନ୍‌ଟି ୨ତାରିଖ ଠାରୁ ଯଥାକ୍ରମେ ୧୨ ଓ ୧୩ତାରିଖ ପର୍ଯ୍ୟନ୍ତ ୧୨ଦିନ ଲାଗି ବାତିଲ କରାଯାଇଥିବା ଦର୍ଶାଇଛନ୍ତି।

ସେହିପରି ଖଡଗପୁରରୁ ଖୋର୍ଦ୍ଧା ଯାତାୟାତ କରୁଥିବା ୧୮୦୨୧ ଟ୍ରେନ୍‌ଟି ୨ତାରିଖରୁ ଓ ୧୮୦୨୨ ଖୋର୍ଦ୍ଧା-ଖଡଗପୁର ଟ୍ରେନ୍‌କୁ ମଧ ସେହିଦିନଠାରୁ ବାତିଲ କରାଯାଇଥିବା ବିଜ୍ଞପ୍ତିରେ ପ୍ରକାଶ ପାଇଛି। ଯଖପୁର ରେଳ ଷ୍ଟେସନଠାରେ ତୃତୀୟ ରେଳ ରାସ୍ତାର ସଂଯୋଗୀକରଣ ଲାଗି ଏପରି ପଦକ୍ଷେପ ନିଆଯାଇଥିବା ଶ୍ରୀ ସେନ୍ ଦର୍ଶାଇଛନ୍ତି।

ଏହି ସମୟ କାଳରେ ଜଳେଶ୍ୱର ମେମୁଟିକୁ ଭଦ୍ରକ କିମ୍ବା ଯାଜପୁର ପର୍ଯ୍ୟନ୍ତ ଚଳାଇବାକୁ ଯାତ୍ରୀ ସୁରକ୍ଷା ପରିଷଦ, ସମାଜ କଲ୍ୟାଣ ବିକାଶ ପରିଷଦ, ଜଳେଶ୍ୱର ବଣିକ ସଂଘ ପ୍ରମୁଖ ବହୁ ସଂଗଠନ ଦାବି କରିଛନ୍ତି। ପ୍ରକାଶଯୋଗ୍ୟ ଜଳେଶ୍ୱର ରେଳ ଷ୍ଟେସନର ୧ନଂ ପ୍ଲାଟଫର୍ମରେ ମାଲବାହୀ ରେଳକୁ ଦୀର୍ଘସମୟ ଅଟକ ରଖାଯାଉଥିବାରୁ ସମସ୍ତ ରେଳ ୨ନଂ ପ୍ଲାଟଫର୍ମରେ ଯାତାୟାତ କରୁଛି।

ରେଳ ଷ୍ଟେସନର ଫୁଟ ଓଭରବ୍ରିଜ୍‌ଟି ପ୍ରାୟ ୨୦୦ ମିଟର ଦୂର ଦକ୍ଷିଣ ପାର୍ଶ୍ୱରେ ରହୁଥିବାରୁ ଯାତ୍ରୀମାନେ ୨, ୩, ୪ ନଂ ପ୍ଲାଟଫର୍ମକୁ ଯାତାୟାତ କରିବାକୁ ଟ୍ରେନ୍‌ଲାଇନ୍ ଡେଇଁବାକୁ ବାଧ ହେଉଛନ୍ତି। କିଛିଦିନ ଧରି ଷ୍ଟେସନରେ ଥିବା ଲିଫ୍ଟଟି ଅଚଳ ହେବାରୁ ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ ଓ ରୋଗୀମାନେ ଗୋଟିଏ ପ୍ଲାଟଫର୍ମରୁ ଅନ୍ୟ ପ୍ଲାଟଫର୍ମକୁ ଯିବାରେ ଅସୁବିଧା ହେଉଛି। କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଆରୁହାବୃତ୍ତି-୧ ପଞ୍ଚାୟତରେ ବିଜେଡିର ସାଂଗଠନିକ ସଭା

ଭୋଗରାଇ, ୩୧ା୧(ସମିସ)

ଭୋଗରାଇ ବ୍ଲକ ଆରୁହା ବୃତ୍ତି ପଞ୍ଚାୟତ ସେହି ଗ୍ରାମର ଟୁଟୁ ଚରଣ ପ୍ରଧାନଙ୍କ ବାସଭବନରେ ବିଜେଡ଼ିର ସାଂଗଠନିକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆରୁହା ବୃତ୍ତି ପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ ଯୋଗେନ୍ଦ୍ର ନାଥ ପାଳ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଞ୍ଚାୟତ ବିଜେଡ଼ି ବରିଷ୍ଠ ନେତା ରାଜକିଶୋର ଜେନା ମଞ୍ଚ ସଞ୍ଚାଳନ କରିଥିଲେ। ମୁଖ୍ୟଅତିଥି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ କହିଥିଲେ ସୁବର୍ଣ୍ଣରେଖାରେ ୬ ଥର ବନ୍ୟା ପାଇଁ ଓଡ଼ିଶା ସରକାର ଦାୟୀ, କାରଣ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ଉଦବୃତ୍ତ ପାଣି ପାଇଁ ସୁବର୍ଣ୍ଣରେଖାରେ ବନ୍ୟା ଆସିଥାଏ। ଓଡ଼ିଶା ସରକାର ଓ ଝାଡ଼ଖଣ୍ଡ ସରକାରଙ୍କ ସହିତ କଥାବାର୍ତ୍ତାରେ ସେହି ପାଣି ଛଡାଯାଇଥାଏ, କିନ୍ତୁ ଓଡ଼ିଶା ସରକାର ଝାଡ଼ଖଣ୍ଡ ସରକାରଙ୍କ ସହିତ କଥା ନ ହେବା ଦ୍ୱାରା ଝାଡ଼ଖଣ୍ଡ ସରକାର ମନଇଛା ଡ୍ୟାମ ଖୋଲିବା ଦ୍ୱାରା ସୁବର୍ଣ୍ଣରେଖାରେ ବାରମ୍ବାର ବନ୍ୟା ଆସୁଅଛି ବୋଲି ଅଭିଯୋଗ କରିଥିଲେ।

ମୁଖ୍ୟ ଅତିଥି ଭାବେ ୩୧ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ଗିରିଶ ଦତ୍ତ, ସମ୍ମାନିତ ଅତିଥି ଖରିଦପିପଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶ୍ରୀପତି ଜେନା, ରାମଚନ୍ଦ୍ର ଜେନା, ଯୁବନେତା ଅନନ୍ତ ସାମଲ, ରାମଚନ୍ଦ୍ର ପାତ୍ର, କାର୍ତ୍ତିକ ଜେନା, ଆରୁହା ବୃତ୍ତି ପଞ୍ଚାୟତର ସମିତି ସଭ୍ୟା ଅଞ୍ଜଳି ଜେନା ବ୍ୟକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ୱାର୍ଡସଭ୍ୟ ଏସକେ ନଜରୁଲ, ଏସକେ ଉସ୍ମାନ, ଟୁଟୁ ଚରଣ ପ୍ରଧାନ, ଅରୁଣ ଜେନା ଶଙ୍କର ବେହେରା, ଗୌରହରି କାମିଲା, ସବିତା ରାଣୀ ଜେନା, ନାରାୟଣ ବାରିକ, ଖିତିଷ ମୁଖୀ, ସୁଧାଂଶୁ ଦାସ, ପଦ୍ମଲୋଚନ ସି, ସରସ୍ୱତୀ ଚନ୍ଦ ଆଦି ବହୁ ବିଜେଡି ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ।



# ଆଜି ଆସିବ କେନ୍ଦ୍ର ବଜେଟ୍

# 'ନିମ୍ନ, ମଧ୍ୟବିତ୍ତଙ୍କୁ ସୁହାଇଲା ପରି ବଜେଟ୍ ହେଉ'

ବାଲେଶ୍ୱର, ୩୧ା୧(ସମିସ)

ଆସନ୍ତାକାଲି ଅର୍ଥାତ୍ ରବିବାର ଦିନ ଆସିବ କେନ୍ଦ୍ର ସରକାରଙ୍କ ବଜେଟ୍। ୨୦୨୬-୨୭ ଆର୍ଥିକ ବର୍ଷ ବଜେଟ ଆଗତ କରିବେ ଅର୍ଥମନ୍ତ୍ରୀ ନିର୍ମଳା




ସୀତାରମଣ। ତେବେ ଆସନ୍ତାକାଲି ବଜେଟ୍‌ରୁ କ'ଣ ଆଶା ରଖିଛନ୍ତି ବାଲେଶ୍ୱର ବାସୀ ଏବଂ ଗୃହିଣୀଙ୍କଠୁ ଆରମ୍ଭ କରି ଛାତ୍ର କ'ଣ ଚାହୁଁଛନ୍ତି ଏହି ବଜେଟ୍‌ରୁ ତାହାକୁ ନେଇ 'ସକାଳ' ର ସ୍ୱତନ୍ତ୍ର ଉପସ୍ଥାପନା।



ବଜେଟ୍‌କୁ ନେଇ ଅନେକ ଆଶା ରହିଛି। ବିଶେଷକରି କରି ବଜେଟ୍‌ରେ ମେନୁଫ୍ୟାକ୍‌ଚରିଂ, ଟୁରିଜ୍ମ, ଗ୍ରୀନ ଇକନୋମି ଓ ପରିବହନ କ୍ଷେତ୍ରରେ ନୂତନ ନିଯୁକ୍ତି ବେରୋଜଗାରି ପାଇଁ ସୁଯୋଗ ରହିଲେ ନୂଆ ଆଶା ସଞ୍ଚାର ହବ। ସେହିପରି ରୂପା/ସୁନା ଆଭୂଷଣ ଉପରେ ଜିଏସଟି ବର୍ତ୍ତମାନ ୩ ପ୍ରତିଶତ ଠାରୁ ଅଳ୍ପ (ଯଥା ୧-୧.୨୫ ପ୍ରତିଶତ) କରିଦେଲେ ଉପଭୋକ୍ତା ମୂଲ୍ୟ ଅନୁଭୂତିବା ଖର୍ଚ୍ଚ କମିପାରିବ ଏବଂ ଡୋମେଷ୍ଟିକ ଡିମାଣ୍ଡ ବଢ଼ିପାରିବ।

**ସୀମାନ୍ତ କୁମାର ପାତ୍ର**, ସାମାଜିକ କର୍ମୀ



ଏହି ବଜେଟ୍‌ରେ କୃତ୍ରିମ ବୁଦ୍ଧିମତା (ଏଆଇ) ଆଧାରିତ ଶିକ୍ଷାକୁ ବିଦ୍ୟାଳୟ ସ୍ତରରୁ ଗୁରୁତ୍ୱ ଦିଆଯିବ। ଏଆଇ ଶିକ୍ଷା କେବଳ ସହର ଓ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ସୀମିତ ରହିବା ଉଚିତ୍ ନୁହେଁ। ଏହା ସହିତ ଭାରତୀୟ ଶିକ୍ଷା ପ୍ରଣାଳୀରେ ରପ୍ତାନି, ଉଦ୍ୟମିତା ଓ ବିଶ୍ୱ ବାଣିଜ୍ୟ ସମ୍ପର୍କିତ ବିଶେଷ କୋର୍ସ ସମ୍ମିଳିତ ହେବା ଅତ୍ୟନ୍ତ ଆବଶ୍ୟକ। ଭାରତ ଆଜି ବିଶ୍ୱ ଉତ୍ପାଦନ ଓ ରପ୍ତାନି କେନ୍ଦ୍ର ହେବା ଦିଗରେ ଆଗକୁ ବଢ଼ୁଛି, ତେଣୁ ଛାତ୍ରଛାତ୍ରୀମାନଙ୍କୁ ଆରମ୍ଭରୁ ରପ୍ତାନି ପ୍ରକ୍ରିୟା, ସପ୍ଲାଇ ଚେନ୍, ଡିଜିଟାଲ୍ ମାର୍କେଟିଂ, ଗୁଣମାନ ମାନଦଣ୍ଡ ଓ ଆନ୍ତର୍ଜାତୀୟ ଯୋଗାଯୋଗ ବିଷୟରେ ଶିକ୍ଷା ଦେବା ଦରକାର।

**ସୁଶାନ୍ତ ରାଉତ**, ଚେୟାରପର୍ସନ, ତୋଷଳ ଓଡ଼ିଆ ମାଧ୍ୟମ ବିଦ୍ୟାଳୟ



ବଜେଟରେ ରନ୍ଧନ ଗ୍ୟାସ୍ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ନିୟନ୍ତ୍ରଣ ହେଲେ ଗୃହିଣୀମାନେ ସେମାନଙ୍କ ସଞ୍ଚୟ କରିପାରିବେ ଏବଂ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ବିନିଯୋଗ କରିପାରିବେ। ଏହି ବଜେଟ୍ ଶିକ୍ଷା, ସ୍ୱାସ୍ଥ୍ୟ ଓ ମହିଳା ସଶକ୍ତିକରଣକୁ ଗୁରୁତ୍ୱ ଦେଲେ ହିଁ ନୂତନ ଓଡ଼ିଶା ଗଠନର ଏକ ସୁଦୃଢ଼ ମୂଳଦୁଆ ହେବ। ବଜେଟରେ ଅତ୍ୟାବଶ୍ୟକ ସାମଗ୍ରୀ ଦର କମିଲେ ହିଁ ଓଡ଼ିଶାର ମଧ୍ୟବିତ୍ତ ପରିବାର ଚଳିବା ସହଜ ହେବ। ଏଥିସହ ସୁନା ଦର କମିବା ଦରକାର। ନିମ୍ନ, ମଧ୍ୟବିତ୍ତ ପରିବାରକୁ ସୁହାଇଲା ପରି ବଜେଟ୍ ଆଶା କରୁଛୁ।

**ଲିଲାବତୀ ସ୍ୱାଇଁ**, ଗୃହିଣୀ



୨୦୨୬୨୭ ଆର୍ଥିକ ବର୍ଷ ପାଇଁ ନିର୍ଦ୍ଦିଷ୍ଟ ଶିକ୍ଷା ବଜେଟ୍ ଆକଳନରେ ଗତ ବର୍ଷ ତୁଳନାରେ ଲକ୍ଷଣୀୟ ବୃଦ୍ଧି ଆଶା କରୁଛି। ବଜେଟ୍ ୨୦୨୫-୨୬ ରେ ଶିକ୍ଷା କ୍ଷେତ୍ର ପାଇଁ ପ୍ରାୟ ୧.୨୮ ଲକ୍ଷ କୋଟି ଟଙ୍କା ଆବଣ୍ଟନ ହୋଇଥିଲା (ସ୍କୁଲ୍ ଓ ଉଚ୍ଚ ଶିକ୍ଷା ସମିଳିତ) କିନ୍ତୁ ଏହା ତଥାପି ଏନ୍ଇପି୨୦୨୦ର ୬ ପ୍ରତିଶତ ଜିଡିପି ଲକ୍ଷ୍ୟ ଠାରୁ କମ୍ ରହିଥିଲା। ଏହି ଲକ୍ଷ୍ୟକୁ ପୂରଣ କରିବା ଆବଶ୍ୟକ। ଏହା ସହ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ନିୟନ୍ତ୍ରଣ, କୃଷିକୁ ପ୍ରୋତ୍ସାହନ, ଶିକ୍ଷା ଏବଂ ସ୍ୱାସ୍ଥ୍ୟ, ସୁରକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ସୃଷ୍ଟି ଦିଗରେ ଅର୍ଥର ଆବଣ୍ଟନ। ଯେମିତି ଆମେ ଜାଣିଛୁ ମାନବ ସମ୍ବଳ ଏକ ଦେଶର ଅଗ୍ରଗତିର ରାସ୍ତା। ତେଣୁ ମାନବ ସମ୍ବଳର ବିଭିନ୍ନ ଦିଗରେ ବିକାଶରେ ଅର୍ଥନୀତିର ମୁଖ୍ୟ ଭାଗ ବିନିଯୋଗ ଦେଶକୁ ଆତ୍ମନିର୍ଭରଶୀଳ କରିବ।

**ରୋହିତ କୁମାର ପାଢ଼ୀ**, ଛାତ୍ର



ଏହି ବଜେଟରେ ବିଶେଷ କରି ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ପାଇଁ ଅଧିକ ଶତକଡା ବ୍ୟୟ ବରାଦ ହେବା ଦରକାର। ଯାହାଫଳରେ ଲୋକମାନଙ୍କୁ ଉନ୍ନତମାନର ଚିକିତ୍ସା ଯୋଗାଇହବ ଓ ତାର ମାନ ବୃଦ୍ଧିରେ ସହାୟକ ହେବ। ଏକ ସୁସ୍ଥ ସମାଜ ହିଁ ଦେଶର ଆର୍ଥିକ ମାନଦଣ୍ଡ ଅଭିବୃଦ୍ଧିର ସହାୟକ ହେଇଥାଏ। ବିଶେଷ କରି ମଧ୍ୟବିତ୍ତ ଚାକିରିଆ ଗୋଷ୍ଠୀ ମାନଙ୍କ ପାଇଁ ଟାକ୍ସ ରିଟର୍ନ ପାଇଁ ଅଧିକ ସୁବିଧା ମିଳିବ ବୋଲି ଆଶା ଅଛି। ଏହାବ୍ୟତୀତ ଅତ୍ୟାବଶ୍ୟକ ସାମଗ୍ରୀ ଓ ଟେଲିକମ ଟାରିଫ୍ ର ଦର ବୃଦ୍ଧି ଉପରେ ରୋକ ଲାଗିବା ମଧ୍ୟ ଜରୁରୀ।

**ଡକ୍ଟର ମନୋଜ କୁମାର ବାରିକ**



ଆସନ୍ତା କାଲି ବଜେଟ୍‌ରେ ସାଧାରଣ ଲୋକଙ୍କ ଖୁସି ଖବର ଆମେ ଦେଖିବା ଦରକାର। ବିଶେଷକରି ମଧ୍ୟବିତ୍ତ ଓ ଗରିବ ପରିବାରଙ୍କ ପାଇଁ ବଜେଟ୍‌ରେ କଣ କଣ ରହୁଛି ଅପେକ୍ଷା ରହିଛି ଆମର। କାରଣ ମଧ୍ୟବିତ୍ତ ଓ ଗରିବ ପରିବାର ମିଶି ପ୍ରାୟ ୭୫ ପ୍ରତିଶତ ରହିଛନ୍ତି। ସେଥିପାଇଁ ୭୫ ପ୍ରତିଶତ ଲୋକଙ୍କ ସୁବିଧାକୁ ନେଇ ସରକାର ବଜେଟ ଆଣିବା ଦରକାର। ସେହିପରି ଗ୍ରୋସରୀ ଜିନିଷ ଉପରେ ସରକାରଙ୍କ କଣ ନିଷ୍ପତ୍ତି ରହୁଛି, ତାହା ବଡ଼ କଥା। ଅନ୍ୟପଟେ ବର୍ତ୍ତମାନ ଇନକମ୍ ଟେକ୍ସରେ ୧୨ ଲକ୍ଷ ଟି ୧୫ ଲକ୍ଷ ହେବା ଉଚିତ। ସେହିପରି ପେଟ୍ରୋଲ, ଡିଜେଲ ଦର କମିଲେ ସାଧାରଣ ଲୋକ ସୁବିଧା ପାଇବେ।

**ଅଜୟ ବିଶ୍ୱାଳ**, ସମ୍ପାଦକ, ଘରୋଇ ବସ୍ ମାଲିକ ସଂଘ

## ୪ରେ ହିନ୍ଦ ମଜଦୁର ସଭାର ଆଞ୍ଚଳିକ ସମ୍ମିଳନୀ

**ବାଲେଶ୍ୱର, ୩୧ା୧(ସମିସ):** ହିନ୍ଦ ମଜଦୂର ସଭା ପକ୍ଷରୁ ଆସନ୍ତା ୪ ତାରିଖରେ ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲ୍ଲାକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ସମ୍ମିଳନୀ ବାଲେଶ୍ୱର ଷ୍ଟେସନ କ୍ଲବ ପରିସରରେ ଅନୁଷ୍ଠିତ ହେବ। ଉକ୍ତ ସମ୍ମିଳନୀରେ ସଙ୍ଗଠନର ସାଙ୍ଗଠନିକ ବ୍ୟାପାର ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ସୁଚିନ୍ତିତ ମତାମତ ଉପସ୍ଥାପନ ହେବ। ଏହି ସମ୍ମିଳନୀରେ କଳକାରଖାନା, ବନ୍ଦର ଶ୍ରମିକ, ନିର୍ମାଣ ଶ୍ରମିକ, କୃଷକ, ମହିଳା ଶ୍ରମିକ, ଖବରକାଗଜ ବିତରକ ସଂଘ, ଗାଁ କୃଷକ ସାଥୀ ଏବଂ ହିନ୍ଦ ମଜଦୂର ସଭା ଦ୍ୱାରା ଅନୁବନ୍ଧିତ ବିଭିନ୍ନ ଶ୍ରମିକ ସଙ୍ଗଠନର ଶତାଧିକ କର୍ମକର୍ତ୍ତା ଯୋଗ ଦେବେ। ଏହି ସମ୍ମିଳନୀରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପ୍ରଭାତ ତ୍ରିପାଠୀ ଓ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସମେତ ହିନ୍ଦୁ ମଜଦୂର ସଭାର ରାଜ୍ୟ ସଭାପତି ବିଜୟ ମହାନ୍ତି ପ୍ରମୁଖ ବହୁ ବିଶିଷ୍ଟ ନେତୃବୃନ୍ଦ ଯୋଗଦେବେ ବୋଲି ହିନ୍ଦ ମଜଦୂର ସଭାର ବାଲେଶ୍ୱର ଜିଲ୍ଲା ସଭାପତି ଅରୁଣ କୁମାର ସ୍ୱାଇଁ ଆଜି ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

## ମାନସିଂ ବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ ଉତ୍ସବ




**ବାଲେଶ୍ୱର, ୩୧ା୧(ସମିସ):** ବାଲେଶ୍ୱର ସହରର ମାନସିଂ ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ରାଜ୍ୟ ସଂଯୋଜକ ଗୌରାଙ୍ଗ ବିଶ୍ୱାଳ ପିଲାମାନଙ୍କ ଚରିତ୍ର ଗଠନ ଉପରେ ଗୁରୁତ୍ୱ ଦେଇଥିଲେ। 'ସକାଳ'ର ଉତ୍ତର ଓଡ଼ିଶା ସଂସ୍କରଣ ମୁଖ୍ୟ ଅସୀମ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷାର ଦାୟିତ୍ୱ ଆଗାମୀ ପିଢ଼ି ହାତରେ ରହିଥିବାରୁ ଶିଶୁ ମନ୍ଦିରର ଶିକ୍ଷା ବ୍ୟବସ୍ଥା ଅତ୍ୟାବଶ୍ୟକ ବୋଲି କହିଥିଲେ। ସୁନହଟ କ୍ଲଷ୍ଟରର ସିଆରସିସି ସସ୍ମିତା ପଣ୍ଡା ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏଥିରେ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ରାଧାକୃଷ୍ଣ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ସମ୍ପାଦକ ଗୟାଧର କର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ମୁଖପତ୍ର 'ଶିଶୁ ପ୍ରତିଭା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଚିକିତ୍ସା କ୍ଷେତ୍ରରେ ସଫଳତା ପାଇଁ ଡା. ଶ୍ରୀଶ କୁମାର ଦାଶଙ୍କୁ 'ଉତ୍ତମ ସେବା ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟରେ ଉତ୍ତମ ଶିକ୍ଷାଦାନ ନିମନ୍ତେ ପ୍ରିୟଙ୍କା ସାହୁ ଓ ସସ୍ମିତା ବାରିକ ଦୁଇ ଜଣ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ମାନିନୀ ମହାନ୍ତି ଧନ୍ୟବାଦ ଦେଇଥିଲେ। ବାର୍ଷିକ ଉତ୍ସବ ଅବସରରେ ପୂର୍ବଦିନ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇ ୩୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

## ବରିଷ୍ଠ ନାଗରିକ ମଞ୍ଚର ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକ

**ବାଲେଶ୍ୱର, ୩୧ା୧(ସମିସ):** ବରିଷ୍ଠ ନାଗରିକ ମଞ୍ଚର ବନ୍ଧୁମିଳନ ସାଙ୍ଗକୁ ପ୍ରଥମ ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକ ଉପସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ଦାମୋଦର ନାୟକ ଉପସ୍ଥିତ ସଦସ୍ୟ ସଦସ୍ୟାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିଥିଲେ। ସରକାରଙ୍କ ପକ୍ଷରୁ ମଞ୍ଜୁରୀପ୍ରାପ୍ତ ସମନ୍ୱିତ ବହୁମୁଖ ପ୍ରକଳ୍ପ ପାଇଁ ରେମୁଣା ତହସିଲ ଅଧିନ ଦହପଡ଼ା ମୌଜାରେ୨୦ଏକର ପରିମିତ ଜମି ଚିହ୍ନଟ କରାଯାଇଥିଲେ ମଧ୍ୟ ଜିଲ୍ଲା ପ୍ରଶାସନର ଆନ୍ତରିକତା ଅଭାବରୁ ଏହି ପ୍ରକଳ୍ପର କାର୍ଯ୍ୟ ଆଗେଇ ପାରିନାହିଁ। ବରିଷ୍ଠ ନାଗରିକମାନଙ୍କୁ ପୁଲିସ ବିଭାଗ ପକ୍ଷରୁ ସ୍ଥାନୀୟ ଥାନାମାନଙ୍କ ଜରିଆରେ ପରିଚୟପତ୍ର ପ୍ରଦାନ ପାଇଁ ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତକାରରେ ଓ ଲିଖିତଭାବେ ଜଣାଇଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସେହିପରି ସବଡିଭିଜନ ସ୍ତରରେ ବରିଷ୍ଠ ନାଗରିକମାନଙ୍କ ପାଇଁ ବିଚାରାଳୟ ନିୟମିତ କାର୍ଯ୍ୟକ୍ଷମ ହୋଇପାରିନାହିଁ। ନିର୍ବାଚନ ବେଳେ ବର୍ତ୍ତମାନର ସରକାରୀ ଦଳ ମାସିକ ବାର୍ଦ୍ଧକ୍ୟଭତା ୩ହଜାର ପ୍ରଦାନ କଲେନାହିଁ। ୮୦ବର୍ଷ ପରେ ସମସ୍ତ ହିତାଧିକାରୀଙ୍କୁ ବର୍ଦ୍ଧିତ ବାର୍ଦ୍ଧକ୍ୟଭତା ୩ହଜାର୫ଶହ ଟଙ୍କା ଦିଆଯାଉନାହିଁ ବୋଲି ଶ୍ରୀ ନାୟକ ଅଭିଯୋଗ କରିଥିଲେ। ଆଲୋଚନାରେ ଅଂଶଗ୍ରହଣ କରି ଉପଦେଷ୍ଟା କମଳାକାନ୍ତ ବେହେରା ଓ ଗିରିଶ ଚନ୍ଦ୍ର ଦାଶଙ୍କ ସମେତ ସୀତାରାମ ପ୍ରଧାନ, ଦେବେନ୍ଦ୍ର ଚୌଧୁରୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସୁଶାନ୍ତ ବେହେରା, ବେଣୁଧର ସାହୁ, ଜୟଚନ୍ଦ୍ର ଶତପଥୀ, ପଦ୍ମଲୋଚନ ଦତ୍ତ, ରାଧାକୃଷ୍ଣ ଆଚାର୍ଯ୍ୟ, ଅନସୂୟା ନାୟକ ପ୍ରମୁଖ ଆଲୋଚନା କରିଥିଲେ। ଶ୍ୟାମସୁନ୍ଦର ଜେନା ଧନ୍ୟବାଦ ଦେଇଥିଲେ।




## ୧୨ରେ ଦେଶବ୍ୟାପୀ ଧର୍ମଘଟ ଆହ୍ୱାନ

**ବାଲେଶ୍ୱର, ୩୧ା୧(ସମିସ):** ଆସନ୍ତା ଫେବୃଆରୀ ୧୨ ତାରିଖ ଦିନ ସର୍ବଭାରତୀୟ ଧର୍ମଘଟକୁ ବାଲେଶ୍ୱରରେ ସଫଳ କରିବା ପାଇଁ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନମାନଙ୍କର ଜିଲ୍ଲାସ୍ତରୀୟ ମିଳିତ କନଭେନସନ ଆଜି ପରିବହନ ଶ୍ରମିକ ସଂଘ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କନଭେନସନରେ ଏଆଇଟିୟୁସିର ଜିଲ୍ଲାସଭାପତି ଭାଗବତ ପ୍ରତିହାରୀ ଭିତ୍ତିପତ୍ର ଉପସ୍ଥାପିତ କରିଥିଲେ। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ୪ଟି ଶ୍ରମକୋଡକୁ ସେ ଦୃଢ଼ ସମାଲୋଚନା କରିଥିଲେ। ଟିୟୁଏସିସିର ଉପସଭାପତି ଶାନ୍ତନୁ ଦାସ, ସିଆଇଟିୟୁର ଜିଲ୍ଲା ସଭାପତି ରାଜକିଶୋର ଲେଙ୍କା, ଏଆଇୟୁଟିୟୁସିର ନେତା ରବୀନ୍ଦ୍ର ବେହେରା, ଟିୟୁସିସିର ଜିଲ୍ଲା ସଭାପତି ସର୍ବେଶ୍ୱର ମିଶ୍ର, ଆଇଏନଟିୟୁସି ପକ୍ଷରୁ ବିଧାନଚନ୍ଦ୍ର ଜେନା, ସ୍କିମ ୱାର୍କରସ ନେତ୍ରୀ ଈଶାଣୀ ଷଡ଼ଙ୍ଗୀ, ଡାକ କର୍ମଚାରୀ ନେତା ଅକ୍ଷୟକୁମାର ତ୍ରିପାଠୀ, ଜୀବନବୀମା କର୍ମଚାରୀ ନେତା ଶ୍ୟାମସୁନ୍ଦର ଜେନା, ବିଦ୍ୟୁତ ଶ୍ରମିକ ନେତା ଭରତ ଚନ୍ଦ୍ର ସେଠୀ, ଉଠା ଜଳସେଚନ କର୍ମଚାରୀ ନେତା ଶ୍ୟାମସୁନ୍ଦର ଜେନା ଓ ଇପିଏଫ ପେନସନର୍ସ ଆସୋସିଏସନ ନେତା ବିଷ୍ଣୁ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇ ପ୍ରମୁଖ ଦାବି ଓ ଆଗାମୀ ଧର୍ମଘଟକୁ ଦୃଢ଼ ସମର୍ଥନ ଜଣାଇଥିଲେ।

## ବାଲେଶ୍ୱର ସାମ୍ବାଦିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର



**ବାଲେଶ୍ୱର, ୩୧ା୧(ସମିସ):** ବାଲେଶ୍ୱର ସାମ୍ବାଦିକମାନଙ୍କ ପାଇଁ ଏକ ବିଶାଳ ସ୍ୱାସ୍ଥ୍ୟ ଶିବିର ଓ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ଆତିଥ୍ୟ ଭବନରେ ଅନୁଷ୍ଠିତ ହୋଇଯାଇଛି। ମଣିପାଲ ହସ୍ପିଟାଲ୍ ଭୁବନେଶ୍ୱର ଓ ମିଡିଆ କର୍ମୀ ବାଲେଶ୍ୱରର ମିଳିତ ସହଯୋଗରେ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ସମ୍ପର୍କିତ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ସାମ୍ବାଦିକ ୧୦୦ରୁ ଅଧିକ ଭାଗ ନେଇଥିଲେ। ଏହି ଶିବିରକୁ ମୁଖ୍ୟଅତିଥି ଭାବରେ ଡା. ଅମୂଲ୍ୟ ଦାସ, ଏଡିଏମଓ ବାଲେଶ୍ୱର ଏବଂ ସବିତା ସାହୁ, ବାଲେଶ୍ୱର ମ୍ୟୁନିସିପାଲିଟି ଅଧ୍ୟକ୍ଷା, ଯୋଗ ଦେଇ ଉଦଘାଟନ କରିଥିଲେ। ଏହି ଅବସରରେ ମଣିପାଲ ହସ୍ପିଟାଲ ପକ୍ଷରୁ ସମସ୍ତ ଅଂଶଗ୍ରହଣକାରୀଙ୍କ ପାଇଁ 'ମିଡିଆ ପ୍ରିଭିଲେଜ୍ କାର୍ଡ' ମଧ୍ୟ ଲୋକାର୍ପିତ କରାଯାଇଥିଲା।

## ଜିଲ୍ଲାସ୍ତରୀୟ ଜାତୀୟ କନ୍ୟା ସନ୍ତାନ ଦିବସ



**ବାଲେଶ୍ୱର, ୩୧ା୧(ସମିସ):** ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଜାତୀୟ କନ୍ୟା ସନ୍ତାନ ଦିବସ ପାଳନ ଉତ୍ସବ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ନାରାୟଣ ପ୍ରଧାନ ସଭାପତି ଜିଲ୍ଲାପରିଷଦ, ଡ. ନେହା ସିଂ ୟୁନିସେଫ୍, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲାପରିଷଦ ସଦସ୍ୟ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଏବଂ ଅନ୍ୟ ଅଧିକାରୀବୃନ୍ଦ ଯୋଗଦେଇ କନ୍ୟା ସନ୍ତାନମାନଙ୍କ ସୁରକ୍ଷା ଓ ଅଧିକାର ଉପରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ସ୍କୁଲ ଓ କଲେଜରୁ ଆସିଥିବା କିଶୋରୀ ବାଳିକା ମାନଙ୍କୁ ନେଇ ସ୍ଲୋଗାନ ଓ ଭାଷଣ ପ୍ରତିଯୋଗିତା ଆୟୋଜନ କରାଯାଇ ବିଜେତା ପ୍ରତିଯୋଗି ମାନଙ୍କୁ ପୁରସ୍କାର ଓ ସାର୍ଟିଫିକେଟ ସହିତ ଅର୍ଥରାଶି ଉପସ୍ଥିତ ବରିଷ୍ଠ ଅତିଥିମାନଙ୍କ କରକମଳ ଦ୍ୱାରା ପ୍ରଦାନ କରାଯାଇଥିଲା। ବାମଦେବ ପାଣିଗ୍ରାହୀ ଡିପିସି ମମତା ମଞ୍ଚ ସଞ୍ଚାଳନ କରିଥିଲେ। ଶେଷରେ ପ୍ରୋଟେକସନ୍ ଅଧିକାରୀ ଯୁଥିକା ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଫେସର ରାମଚନ୍ଦ୍ର ନାୟକଙ୍କ ପରଲୋକ

**ବାଲେଶ୍ୱର, ୩୧ା୧(ସମିସ):** ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷ ତଥା ଗଣିତ ପ୍ରଫେସର ରାମଚନ୍ଦ୍ର ନାୟକଙ୍କ( ୮୩) ବାଲେଶ୍ୱର ବାସଭବନରେ ପରଲୋକ ହୋଇଯାଇଛି। ପ୍ରଫେସର ନାୟକଙ୍କ ମୃତ୍ୟୁ ଶିକ୍ଷା ଓ ବୁଦ୍ଧିଜୀବୀ ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ତାଙ୍କର ଶୁଭେଚ୍ଛୁମାନେ ପ୍ରକାଶ କରିଛନ୍ତି। ମୃତ୍ୟୁ ସମୟରେ ତାଙ୍କ ପାଖରେ ଏକମାତ୍ର ପୁତ୍ର ବସନ୍ତ ଓ ତିନି କନ୍ୟା ଜ୍ୱାଇଁ ଏବଂ ନାତି ନାତୁଣୀ ଉପସ୍ଥିତ ଥିଲେ। ତାଙ୍କର ଶେଷକୃତ୍ୟ ନିଜ ଗାଁ ବେତଡା ନିକଟସ୍ଥ ଚାଲୁଣୀଗାଁଠାରେ ସମ୍ପନ୍ନ ହୋଇଛି।

### 'ଉତ୍ସାହ-୨୦୨୬'ର ଉଦ୍‌ଯାପନୀ ସମାରୋହ

# ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଚାମ୍ପିଅନ

ବାଲେଶ୍ୱର, ୩୧ା୧(ସମିସ)




ଆସୋସିଏସନ୍ ଅଫ୍ ଇଣ୍ଡିଆନ୍ ୟୁନିଭର୍ସିଟିଜ୍ (ଏଆଇୟୁ) ସହଯୋଗିତାରେ ଆୟୋଜିତ ୩୯ ତମ ପୂର୍ବ ଭାରତୀୟ ଆନ୍ତଃ-ବିଶ୍ୱବିଦ୍ୟାଳୟ ଯୁବମହୋତ୍ସବ 'ଉତ୍ସାହ୨୦୨୬'ର ଉଦଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମାରୋହର ଅଧ୍ୟକ୍ଷତା କରିଥିଲେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ। ମୁଖ୍ୟଅତିଥି ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ (ଆଇଏଏସ୍) ମହୋତ୍ସବର ସୁସଂଗଠିତ ଆୟୋଜନ ପାଇଁ ଆୟୋଜକ ଓ ଅଂଶଗ୍ରହଣକାରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ବିଶେଷ ଅତିଥି ଶିବ୍ ମାଲଭିୟ, ସବ୍-କଲେକ୍ଟର, ବାଲେଶ୍ୱର, ଛାତ୍ରଛାତ୍ରୀମାନଙ୍କ ଉର୍ଜାପୂର୍ଣ୍ଣ ପ୍ରଦର୍ଶନକୁ ସ୍ୱୀକୃତି ଦେଇ ମହୋତ୍ସବକୁ ଭାରତର ସମୃଦ୍ଧ ସାଂସ୍କୃତିକ ବିବିଧତା ଓ ଯୁବ ସମ୍ଭାବନାର ଜୀବନ୍ତ ପ୍ରତିବିମ୍ବ ବୋଲି ବର୍ଣ୍ଣନା କରିଥିଲେ। ଏଆଇୟୁ ପକ୍ଷରୁ ପର୍ଯ୍ୟବେକ୍ଷକ ଡ଼କ୍ଟର ମନୀଷ ଜାଙ୍ଗ୍ରା ଓ ପ୍ରାଯୁକ୍ତିକ ପର୍ଯ୍ୟବେକ୍ଷକ ପ୍ରଫେସର ଦୀପକ ମିଶ୍ର ଉପସ୍ଥିତ ରହି ଉଚ୍ଚମାନର ପ୍ରଦର୍ଶନ, ପାରଦର୍ଶୀ ମୂଲ୍ୟାଙ୍କନ ପ୍ରକ୍ରିୟା ଓ ସୁଚାରୁ ପରିଚାଳନା ପାଇଁ ଆୟୋଜନକୁ ପ୍ରଶଂସା କରିଥିଲେ। ଏହି ଅବସରରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଓ କୁଳସଚିବ କୁକୁମୀନା ଦାସ ଉଦବୋଧନ ଦେଇଥିଲେ। 'ଉତ୍ସାହ୨୦୨୬'ର ସମ୍ବାହକ ପ୍ରଫେସର ନିହାର ରଞ୍ଜନ ରାଉତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଆୟୋଜନ ସଚିବ ଡ଼କ୍ଟର ଅସୀମ ଅମିତାଭ ପ୍ରଧାନ ମହୋତ୍ସବର ସମ୍ପୂର୍ଣ୍ଣ ବିବରଣୀ ଉପସ୍ଥାପନ କରିଥିଲେ। ସମାରୋହର ମୁଖ୍ୟ ଆକର୍ଷଣ ଥିଲା ପୁରସ୍କାର ବିତରଣ କାର୍ଯ୍ୟକ୍ରମ, ଯେଉଁଥିରେ ଛଅଟି ମୁଖ୍ୟ ଶ୍ରେଣୀ ଓ ପାଞ୍ଚଟି ସାର୍ବିକ ଶ୍ରେଣୀରେ ପୁରସ୍କାର ପ୍ରଦାନ କରାଯାଇଥିଲା। ଚାମ୍ପିଅନ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ହୋଇଥିବା ବେଳେ ପ୍ରଥମ ଉପବିଜେତା ଡ଼. ଶ୍ୟାମା ପ୍ରସାଦ ମୁଖାର୍ଜୀ ବିଶ୍ୱବିଦ୍ୟାଳୟ, ରାଞ୍ଚି, ଝାରଖଣ୍ଡ ଦ୍ୱିତୀୟ ଉପବିଜେତା ବିନୋବା ଭାବେ ବିଶ୍ୱବିଦ୍ୟାଳୟ, ହଜାରିବାଗ, ଝାରଖଣ୍ଡ ଓ ତୃତୀୟ ଉପବିଜେତା ବିନୋଦ ବିହାରୀ ମାହତୋ କୋୟଲାଞ୍ଚଳ ବିଶ୍ୱବିଦ୍ୟାଳୟ, ଧନବାଦ, ଝାରଖଣ୍ଡ, ଚତୁର୍ଥ ଉପବିଜେତା ଲଳିତ ନାରାୟଣ ମିଥିଳା ବିଶ୍ୱବିଦ୍ୟାଳୟ, ଦରଭଙ୍ଗା, ବିହାର। 'ଉତ୍ସାହ୨୦୨୬'ରେ ପୂର୍ବ ଭାରତ ମଣ୍ଡଳର ଓଡ଼ିଶା, ବିହାର, ଝାରଖଣ୍ଡ ଓ ପଶ୍ଚିମବଙ୍ଗର ୧୯ ଟି ବିଶ୍ୱବିଦ୍ୟାଳୟରୁ ୭୭୬ ଜଣ ଛାତ୍ରଛାତ୍ରୀ ପ୍ରଦର୍ଶକ, ସହଯୋଗୀ କଳାକାର, ଦଳ ପରିଚାଳକ ଓ ସହାୟକ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଉପ-ଆୟୋଜନ ସଚିବ ଡ଼କ୍ଟର ଅଭୟ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ମଞ୍ଚ କାର୍ଯ୍ୟକ୍ରମ ପରିଚାଳନା ସହକାରୀ ଅଧ୍ୟାପିକା ଡ. ରାଜଶ୍ରୀ ଦତ୍ତ ଓ ଜୀନା ପ୍ରିୟଙ୍କା ଜେଠୀ ସମ୍ପାଦନ କରିଥିଲେ।

## ଚାନ୍ଦିପୁର ବେଳାଭୂମିରେ ସାଇକ୍ଲୋଥୋନର ଶୁଭାରମ୍ଭ

**ବାଲେଶ୍ୱର, ୩୧ା୧(ସମିସ):** ଚାନ୍ଦିପୁର ବେଳାଭୂମିରେ ସିଆଇଏସଏଫ୍ ଦ୍ୱାରା ବନ୍ଦେ ମାତରମ୍ କୋଷ୍ଟାଲ୍ ସାଇକ୍ଲୋଥୋନ୍‌ର ଚତୁର୍ଥ ଦିନର ସାଇକେଲ ମାରାଥନ ଶୁଭାରମ୍ଭ କରାଯାଇଛି। ଏନଡିଆରଏଫର ସିନିୟର୍ କମାଣ୍ଡାଟ ନିରଜ କୁମାର, ଆଇଟିଆର ର ଉପ ନିର୍ଦ୍ଦେଶକ ପି ଆର ବେହେରା ଓ ସିଆଇଏସଏଫ୍‌ର ସିଇଓ ସୁରେନ୍ଦ୍ର କୁମାର ଏହି ସାଇକେଲ ମାରାଥନକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଚାନ୍ଦିପୁର ମେରାଇନ ଥାନା ଅଧିକାରୀ ମଧ୍ୟ ଯୋଗ ଦେଇଥିଲେ। ଏହି ସାଇକଲ ମାରାଥନ ଚଳିତ ମାସ ୨୮ ତାରିଖରେ ପଶ୍ଚିମବଙ୍ଗର ବଖାଲିରୁ ଆରମ୍ଭ ହେଇଥିଲା। ଏଥିରେ ୬୫ ଜଣ ସିଆଇଏସଏଫର ସାଇକଲ ଚାଳକ ଭାଗ ନେଇଛନ୍ତି। ଏହି ଦଳ ଗତକାଲି ସନ୍ଧ୍ୟାରେ ଚାନ୍ଦିପୁର ବେଳାଭୂମିକୁ ପହଞ୍ଚିଥିଲା। ପରେ ସେମାନଙ୍କୁ ଇଞ୍ଚୁଡିକୁ ଏକ ବସ ଯୋଗେ ନିଆଯାଇଥିଲା। ସେଠାରେ ସେମାନେ ରାତ୍ରି ଯାପନ କରିଥିଲେ। ସନ୍ଧ୍ୟାରେ ଲବଣ ସତ୍ୟାଗ୍ରହ ସ୍ମୃତି ବିଦ୍ୟାପୀଠରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଠାରେ ବାଲେଶ୍ୱର ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କମାଣ୍ଡାଣ୍ଟ ସିଆଇଏସଏଫ୍ ସୁରେନ୍ଦର କୁମାର ଏବଂ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଦିନେଶ ଚନ୍ଦ୍ର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଫଏମ୍ କଲେଜ, ବାଲେଶ୍ୱର ଏବଂ ଇଞ୍ଚୁଡ଼ି ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସାଇକେଲ ଚାଳକମାନେ ସ୍ଥାନୀୟ ମତ୍ସ୍ୟଜୀବୀ ସମ୍ପ୍ରଦାୟଙ୍କ ସହିତ ଭାବବିନିମୟ କରିଥିଲେ। ପରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୨୮ ତାରିଖରେ ଏହି ସାଇକଲ ମାରାଥନ କେରଳର କୋଚିରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି।



## ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମାନିଲେନି

# ମାସତମାମ ସକାଳେ ଶୀତରେ ଥରିଲେ ଘରୋଇ ସ୍କୁଲ ପିଲା

ବାହାନଗା, ୩୧।୧(ସମିସ)

ବାଲେଶ୍ୱର ଜିଲ୍ଲାରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅନୁପାଳନ ନକରି ଜିଲ୍ଲାପାଳଙ୍କ ନିର୍ଦ୍ଦେଶନାମାର ଧଜିଆ ଉଡାଇଛନ୍ତି ଜିଲ୍ଲା ଶିକ୍ଷା ଅଧିକାରୀ । ସେପଟେ ଘରୋଇ ସ୍କୁଲରେ ମାସତମାମ ଶୀତ ଜାଡରେ ଶିଶୁମାନେ ୧୦ଟା ପରିବର୍ତ୍ତେ ସକାଳେ ସ୍କୁଲକୁ ଆସିବାକୁ ବାଧ୍ୟ କରୁଥିଲେ ଘରୋଇ ସ୍କୁଲ କର୍ତ୍ତୃପକ୍ଷ । ହେଲେ ମାସ ତମାମ ମଧ୍ୟରେ କେବଳ ଚିଠି ଗୋଟେ କରିଦେଇ ସ୍ୱାଶ୍ୱ ପାଉଥିଲେ ଜିଲ୍ଲା ଶିକ୍ଷା ଅଧିକାରୀ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅନୁପାଳନ ନ କରି କେବଳ ଚିଠି କରିଦେଇ ଚୁପ ରହିବା ଘଟଣା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟଦକ୍ଷତାକୁ ପଦାରେ ପକାଇଛି ।

୨୦୨୫ ମସିହାରେ ଓଡ଼ିଶାରେ ଶୀତର ଲହରୀ ଅଧିକ ଥିବା ବେଳେ ଥଣ୍ଡା ଜାଡରେ ଓଡ଼ିଶାବାସୀଙ୍କ ଜନଜୀବନ ଅସ୍ତବ୍ୟସ୍ତ ହୋଇଥିଲା । ଏଥିରୁ ବାଦ ପଡ଼ିନଥିଲା ବାଲେଶ୍ୱର ଜିଲ୍ଲା । ଜିଲ୍ଲାରେ ଶୀତର ପ୍ରକୋପ ବୃଦ୍ଧି ଯୋଗୁଁ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଜାନୁଆରୀ ୩ ତାରିଖଠାରୁ ୩୧ ତାରିଖ ପର୍ଯ୍ୟନ୍ତ ସମସ୍ତ ସରକାରୀ ସ୍କୁଲରେ ଶନିବାର ସକାଳୁଆ ସ୍କୁଲ ହେବା ପରିବର୍ତ୍ତେ ୧୦ ଘଟିକାରେ ସ୍କୁଲ ହେବ ବୋଲି ନିର୍ଦ୍ଦେଶନାମା ଜାରି କରିଥିଲେ ସରକାର ତଥା ଜିଲ୍ଲା ପ୍ରଶାସନ । ବାଲେଶ୍ୱର ଜିଲ୍ଲାପାଳ ଶୀତର ପ୍ରକୋପକୁ ଦୃଷ୍ଟିରେ ରଖି ଜିଲ୍ଲାରେ ଥିବା ସ୍କୁଲ ଗୁଡିକୁ ସକାଳ ପରିବର୍ତ୍ତେ ୧୦ ଘଟିକା ସମୟରେ କରାଯିବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ ଠାରୁ ନିର୍ଦ୍ଦେଶ ପାଇ ଜିଲ୍ଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକ ଗତ ଜାନୁଆରୀ ୨ ତାରିଖରେ ଚିଠି ନମ୍ବର ୬୧ ମୂଳେ ଜିଲ୍ଲାରେ ଥିବା ସମସ୍ତ ପ୍ରାଥମିକ, ଉଚ୍ଚ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ, ଅଧ୍ୟକ୍ଷ, ଅଧ୍ୟକ୍ଷାଙ୍କୁ ପ୍ରବଳ ଶୀତ ପ୍ରକୋପ ଓ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଗତ ୩ ତାରିଖ ଠାରୁ ୩୧ ତାରିଖ ଅର୍ଥାତ ଆଜି ପର୍ଯ୍ୟନ୍ତ ଶନିବାର ଦିନ ସକାଳ ପରିବର୍ତ୍ତେ ୧୦ ଘଟିକା ଠାରୁ ୪ ଘଟିକା ପର୍ଯ୍ୟନ୍ତ କରିବାକୁ ନିର୍ଦ୍ଦେଶନାମା ଜାରି କରିଥିଲେ । ସେହିପରି ଘରୋଇ ସ୍କୁଲକୁ ମଧ୍ୟ ଜିଲ୍ଲା ଶିକ୍ଷାଧିକାରୀ ସକାଳ ପରିବର୍ତ୍ତେ ୧୦ ଘଟିକା କରିବାକୁ ନିର୍ଦ୍ଦେଶନାମା ଜାରି କରିଥିବାର ପ୍ରକାଶ କରିଥିଲେ । ହେଲେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁପାଳନ କରିବା ପରିବର୍ତ୍ତେ କେବଳ ଚିଠି ଆଉ ନିର୍ଦ୍ଦେଶନାମାରେ କାର୍ଯ୍ୟ ସାରି ଦେଇଥିଲେ ଜିଲ୍ଲା ଶିକ୍ଷାଧିକାରୀ । ଗତ ୩ ତାରଖ ଠାରୁ ୩୧ ତାରିଖ ପର୍ଯ୍ୟନ୍ତ ନିର୍ଦ୍ଦେଶନାମା କଳବଲରେ ରହିଲା । ହେଲେ ବାଲେଶ୍ୱର ଜିଲ୍ଲାରେ କୌଣସି ବି ଘରୋଇ ସ୍କୁଲରେ ବିଭାଗୀୟ ନିର୍ଦ୍ଦେଶନାମାକୁ ପାଳନ କଲେନାହିଁ ।

ଦୀର୍ଘ ମାସେ କାଳ ଘରୋଇ ସ୍କୁଲର ଛୋଟ ଛୋଟ ଶିଶୁ ସକାଳ ୭ ଘଟିକା ଠାରୁ ଆସି ସ୍କୁଲରେ ପହଞ୍ଚିଥିବା ଦେଖିବାକୁ ମିଳିଥିଲା । ଆଜି ଜିଲ୍ଲାପାଳଙ୍କ ନିର୍ଦ୍ଦେଶନାମା ସରିଥିବା ବେଳେ ସୋମବାରଠାରୁ ପୁଣି ପୂର୍ବପରି ଶନିବାର ସକାଳେ ସମୟରେ ଚାଲିବ । ହେଲେ ଦୀର୍ଘ ୨୯ ଦିନ ଧରି ବାଲେଶ୍ୱର ଜିଲ୍ଲାରେ ଖୁଲମଖୋଲା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁପାଳନ କରାଗଲା ନାହିଁ, ଯାହା ସମସ୍ତଙ୍କୁ ବିସ୍ମିତ କରିଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଜିଲ୍ଲା ଶିକ୍ଷାଧିକାରୀ କେବଳ ଚିଠି କରି ଜଣାଇ କାର୍ଯ୍ୟ ସାରି ଦେଇଥିବା ବେଳେ ସଠିକ ଅନୁପାଳନ କରିନଥିଲେ, ପ୍ରତ୍ୟକ ଦିନ ଘରୋଇ ସ୍କୁଲ ସକାଳ ସମୟରେ ଶିଶୁମାନଙ୍କ ପାଇଁ ଖୋଲା ଯାଉଥିବା ବେଳେ କୌଣସି ବି ବ୍ଲକ ଶିକ୍ଷାଧିକାରୀଙ୍କର ଘରୋଇ ସ୍କୁଲ ଉପରେ ଲଗାମ ରହିନଥିବା ବେଳେ ଜିଲ୍ଲା ଶିକ୍ଷାଧିକାରୀ ମଧ୍ୟ ତଦାରଖ ନ କରିବା ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ଜିଲ୍ଲାବାସୀ ପ୍ରଶ୍ନ ଉଠାଇଛନ୍ତି ।

## ମିତ୍ରପୁର ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ



ନୀଳଗିରି, ୩୧।୧(ସମିସ): ନୀଳଗିରି ବ୍ଲକ ମିତ୍ରପୁର ସ୍ଥିତ ସରସ୍ୱତୀ ଶିଶୁମନ୍ଦିରର ୩୭ତମ ବାର୍ଷିକଉତ୍ସବ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଯୋଗଦେଇଥିଲେ । ସଭାପତି ସରିତା ଖଣ୍ଡେଲୱା ଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ରଶ୍ମିରଞ୍ଜନ ଦାସ, ସମ୍ମାନିତ ଅତିଥି ରୂପେ ଭଗବାନ ଦାସ, ପରିଚାଳନାସମିତି ସମ୍ପାଦକ ଯତୀନ କୁମାର ଦାସ, ପ୍ରଧାନଆଚାର୍ଯ୍ୟ ମାଳତୀ ମହାନ୍ତି, ସମାଜସେବୀ ଗୋପାଳ ମହାପାତ୍ର ପ୍ରମୁଖ ଉପସ୍ଥିତରହି ଛାତ୍ରଛାତ୍ରୀ ମାନଙ୍କୁ ନିଜନିଜର ଶୈକ୍ଷିଣୟ ବକ୍ତବ୍ୟ ରଖିଥିଲେ । ବାର୍ଷିକଉତ୍ସବ ଉପଲକ୍ଷେ ପିଲାମାନଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

**ବାଲିଆପାଳ, ୩୧।୧ (ସମିସ):** ଏହି ଥାନା ଅନ୍ତର୍ଗତ ଜମ୍ବିରାଇ ପଞ୍ଚାୟତ ଅନୁଗୁଳର ଜନୈକ ମହିଳା ଟୁନା ବରଙ୍କୁ ୧୦ ବର୍ଷ ପୂର୍ବରୁ ପ୍ରେମ ବିବାହ କରିଥିଲେ । ମହିଳାଙ୍କୁ ସ୍ୱାମୀ, ଦିଅର ରବୀନ୍ଦ୍ର ଏବଂ ସାନଯା ପୂର୍ଣ୍ଣିମା ଦୀର୍ଘ ଦିନ ଧରି ଶାରୀରିକ, ମାନସିକ ନିର୍ଯ୍ୟାତନା ଦେଇ ଆସୁଥିଲେ । ଏ ନେଇ ମହିଳା ଜଣଙ୍କ ଡିସେମ୍ବର ୮ ତାରିଖରେ ବାଲିଆପାଳ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ପକ୍ଷରୁ ଏକ ମାମଲା ରୁଜୁ ହୋଇଥିଲା । ମାମଲା ରୁଜୁ ହେବା ପରେ ମଧ୍ୟ ମହିଳା ଜଣଙ୍କ ଶାଶୁ ଘରେ ରହିଆସୁଥିଲେ । ଶୁକ୍ରବାର ଘରୋଇ ବିବାଦରୁ ଏହା ଉଗ୍ରରୁପ ଧାରଣ କରିଥିଲା । ସ୍ୱାମୀ ଦିଅର ଏବଂ ଯା ଜନୈକ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ଉଦ୍ୟମ କରିଥିଲେ । ପାଖରେ ଥିବା ସମ୍ପର୍କୀୟ ଭାଇ ଉଦ୍ଧାର କରି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିଲେ । ଏ ନେଇ ରାତିରେ ପୁଣି ମହିଳା ଅଭିଯୋଗ କରିବା ପରେ ଆଉ ଏକ ମାମଲା ରୁଜୁ ହୋଇଛି । ଦିଅରକୁ ପୁଲିସ ଅଟକ ରଖିଥିବା ବେଳେ ଶିଘ୍ର ଆଉ ଅନ୍ୟ ଅଭିଯୋଗ କାରୀଙ୍କୁ ଗିରଫ କରାଯିବା ବୋଲି ବାଲିଆପାଳ ଆଇଆଇସି ସାଲିଖାନ ମୁର୍ମୁ କହିଛନ୍ତି ।

## ନିମ୍ନମାନର ପାଚେରି କାମକୁ ନେଇ ଉତ୍ତେଜନା

**ରୂପସା, ୩୧।୧ (ସମିସ):** ସଦର ବ୍ଲକ ଅଧିନସ୍ଥ ଆଗିରିଆ ନିକଟରେ ନିମ୍ନମାନର ୱାଲ୍ କାମକୁ ନେଇ ଆଜି ଉତ୍ତେଜନା ଦେଖା ଦେଇଥିଲା । ୬୦ ନମ୍ବର ଜାତୀୟ ରାଜପଥର ଯୁକନଣ୍ଡୀ ଛକ ଠାରୁ ରୂପସା ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ପ୍ରଧାନମନ୍ତ୍ରୀ ସଡ଼କର ଆଗିରିଆ ପୋଲ ନିକଟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏକ ୱାଲ୍ କାମ ଚାଲୁ ଅଛି । ଏହି ୱାଲ୍ କାମ ଅତ୍ୟନ୍ତ ନିମ୍ନ ମାନର ହେଉଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଡିଥିଲା । ଠିକାଦାର ଜଣକ ବାଲିରେ ନାମକୁ ମାତ୍ର ସିମେଣ୍ଟ ମିଶାଇ ଢ଼ଳେଇ କାମ କରୁଥିବାର ସ୍ଥାନୀୟ କିଛି ଲୋକ ଦେଖିବା ପରେ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ଦେଖା ଦେଇଥିଲା । ଏଥିସହିତ ଠିକାଦାର ଜଣକ ସେଠାରେ କୌଣସି ଅସ୍ଥାୟୀ ରାସ୍ତା ନିର୍ମାଣ ନକରି ମୁଖ୍ୟ ରାସ୍ତାକୁ ଉବାରୋଧ କରି କାର୍ଯ୍ୟ କରୁଥିବାରୁ ସାଧାରଣ ଲୋକ ମାନେ ଯାତାୟାତ କରିବାର ଘୋର ଅସୁବିଧାର ସମ୍ମୁଖିନ ହେଉଥିଲେ । ଯାହା ପାଇଁ ଲୋକମାନେ ଏହି ଅସୁବିଧାକୁ ନେଇ ପାଟିତୁଣ୍ଡ କରିଥିଲେ । ତେବେ ଉତ୍ତେଜନା ପରେ ଖବର ପାଇ ରୂପସା ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଘଟଣାର ସମାଧାନ ହୋଇଥିଲା ।

## ଜେଏମ୍ଏଫ୍‌ସି କୋର୍ଟ ନିମନ୍ତେ ସ୍ଥାନ ନିରୂପଣ

**ସିମୁଳିଆ, ୩୧।୧ (ସମିସ):** ସିମୁଳିଆରେ ଦୀର୍ଘ ଦିନ ଧରି ଦାବି ହୋଇ ଆସୁଥିବା ଜେଏମଏଫସି କୋର୍ଟ ନିମନ୍ତେ ଆଜି ଜିଲ୍ଲା ଜଜ ସିମୁଳିଆ ପରିଦର୍ଶନ କରି ଫେରିଛନ୍ତି । ଆଜି ଜିଲ୍ଲା ଜଜ୍ ସତ୍ୟ ନାରାୟଣ ମିଶ୍ର ସିମୁଳିଆ ଗସ୍ତ କରି ସିମୁଳିଆ ଥାନା ଅନ୍ତର୍ଗତ ଜାତୀୟ ରାଜପଥ ନିକଟରେ ଥିବା ଆରଆରସି ଗୋଡାଉନ, ବିଇଓ କାର୍ଯ୍ୟାଳୟ ପରିସର ଓ ବାଙ୍ଗରଖଡ଼ିଗଡ଼ିଆ ପଞ୍ଚାୟତ ପରିସରରେ ଥିବା ଗୃହ ପରିଦର୍ଶନ କରିଥିଲେ । ଏହି ପରିଦର୍ଶନ ସମୟରେ ଜିଲ୍ଲା କୋର୍ଟ ମ୍ୟାନେଜର ପ୍ରିୟଙ୍କା ମିଶ୍ର, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ବିଡିଓ ସୁନିଲ୍ କୁମାର୍ ଟୁଡୁ, ତହସିଲଦାର ନିତ୍ୟାନନ୍ଦ ସେଠୀ, ଗ୍ରାମ୍ୟ ଉନ୍ନୟନ କନିଷ୍ଠ ଯନ୍ତ୍ରୀ ରବିନାରାୟଣ ବେହେରା, ବାଲେଶ୍ୱର ଓକିଲ ସଂଘର କାର୍ଯ୍ୟକାରି ସଭ୍ୟ ଦିଗାମ୍ବର ମିଶ୍ର, ପ୍ରମୋଦ ଦାସ, ତହସିଲ ଓକିଲ ଗୌରାଙ୍ଗ ପଣ୍ଡା, ଜିତେନ୍ଦ୍ର ବଳ ଉପସ୍ଥିତ ଥିଲେ ।

## ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ଆଭାସୀ ପାଠଚକ୍ର

**ସୋର, ୩୧।୧(ସମିସ):** ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ବାଲେଶ୍ୱର ଜିଲ୍ଲା ଶାଖାର ରାଧାନାଥଙ୍କ ଚିଲିକାରେ ସୌନ୍ଦର୍ଯ୍ୟ ତତ୍ତ୍ୱ ଶୀର୍ଷକ ଆଭାସି ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଲୋକସଂସଦର ସଭାପତି ତଥା ପ୍ରାବନ୍ଧିକ ଡ.ରମାକାନ୍ତ ବେହେରା ସଭାପତିତ୍ୱ କରିଥିଲେ ।ଏହାକୁ ଜମ୍ବେଶ୍ୱର ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ରାମଚନ୍ଦ୍ର ପାଢ଼ୀ ସଂଯୋଜନା କରିଥିଲେ । ସୁଶ୍ରୀ ଲିଜା ଗିରି ପ୍ରାରମ୍ଭିକ ଶ୍ଳୋକ ଉଚ୍ଚାରଣ କରିଥିବା ବେଳେ ସମ୍ପାଦକ ରାମଚନ୍ଦ୍ର ପୃଷ୍ଟି ବିବେକବାଣୀ ପାଠ ଏବଂ ଶାନ୍ତି ପାଠ କରିଥିଲେ । ଆଲୋଚକ ଭାବେ ସ୍ୱାମୀ ବିବେକାନନ୍ଦ ଲୋକସଂସଦର ଉଦ୍ବୁଧନୀ ସମ୍ପାଦକ ଡ.ପ୍ରଦୀପ୍ତ କୁମାର ମିଶ୍ର ଯୋଗଦେଇ ରାଧାନାଥଙ୍କ ଚିଲିକାରେ ସୌନ୍ଦର୍ଯ୍ୟ ତତ୍ତ୍ୱ? ବିଷୟରେ ଆଲୋଚନା କରିଥିଲେ । ଶେଷରେ ରାମଚନ୍ଦ୍ର ପାଢ଼ୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବିବେକ ଉତ୍ସବ

**ବସ୍ତା ବ୍ଲକ, ୩୧।୧ (ସମିସ):** ବସ୍ତା ବ୍ଲକ ବାରମାଢ଼ିଆ ଗ୍ରାମରେ ଅବସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ଦୁଇ ଦିନ ବ୍ୟାପୀ ଚାଲିଥିବା ବିବେକ ଉତ୍ସବ ଉଦଯାପିତ ହୋଇଛି । ଶୁକ୍ରବାର ଅପରାହ୍ନ ରେ ବସ୍ତା ଈଶ୍ୱରଵର୍ତ୍ତି ମନ୍ଦିର ପଡ଼ିଆରେ ଅନୁଷ୍ଠିତ ପ୍ରଥମ ଉତ୍ସବ ଅଧିବେଶନରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ମୁଖ୍ୟବକ୍ତା ଭାବେ ବସ୍ତା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯଜ୍ଞେଶ୍ୱର ଜେନା, ସମ୍ମାନିତ ଅତିଥି ଭାବେ ବସ୍ତା ବ୍ଲକ ସାଂସଦ ପ୍ରତିନିଧି ପ୍ରଦୀପ କୁମାର ପଣ୍ଡା, ସିଆର୍‌ସିସି ଅଶୋକ କୁମାର ପାଢ଼ୀ, ସ୍କୁଲର ଉପଦେଷ୍ଟା ଶ୍ୟାମ ପ୍ରସାଦ ବେହେରା, ସମ୍ପାଦକ ରାମଚନ୍ଦ୍ର ଦେବ, ସଭାପତି ଶଙ୍କର କୁମାର କର, କୋଷାଧ୍ୟକ୍ଷ ପ୍ରଦୀପ କୁମାର ପରିଡ଼ା, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଗଗନ କୁମାର ଜେନା ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଶ୍ରୀପତି ଚରଣ ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ସେହିପରି ଶନିବାର ଦ୍ୱିତୀୟ ଦିବସ ଅପରାହ୍ନରେ ଅନୁଷ୍ଠିତ ହୋଇଥିଲ । ବିଦ୍ୟାଳୟ ର ପରିଚାଳନା କମିଟି ର ସଭାପତି ଶଙ୍କର କୁମାର କରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଥିଲେ । ମୁଖ୍ୟବକ୍ତା ଭାବେ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟର ପ୍ରାଧ୍ୟାପକ ପ୍ରଭାତ ରଞ୍ଜନ ଦାସ, ସମ୍ମାନିତ ଅତିଥି ଭାବେ ସଦାନନ୍ଦପୁର ସରପଞ୍ଚ ରଚିତା ମହାନ୍ତି, ବିଦ୍ୟାଳୟ ଉପଦେଷ୍ଟା ଶ୍ୟାମାପ୍ରସାଦ ବେହେରା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ବିଦ୍ୟାଳୟ ର ଉପ ପ୍ରଧାନ ଆଚାର୍ଯ୍ୟ ରଞ୍ଜିତା ପାଢ଼ୀ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# କେନ୍ଦୁବାଡ଼ିଆରେ ବିଜେଡିର ମିଶ୍ରଣ ପର୍ବ

**ବାଲେଶ୍ୱର/ବାଲିଆପାଳ, ୩୧।୧(ସମିସ):** ବସ୍ତା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଜାମକୁଣ୍ଡା ପଞ୍ଚାୟତର କେନ୍ଦୁବାଡିଆଠାରେ ଗତ ଶୁକ୍ରବାର ଦିନ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଜାମକୁଣ୍ଡା ପଞ୍ଚାୟତ ବିଜେଡ଼ି ସଭାପତି ବସନ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ କେନ୍ଦୁବାଡିଆ ଗ୍ରାମର ୧୮ ନମ୍ବର ୱାର୍ଡର ମନ୍ମଥ ସେଠିଙ୍କ ବାସଭବନରେ ଅନୁଷ୍ଠିତ ଏହି ମିଶ୍ରଣ କାର୍ଯ୍ୟକ୍ରମରେ ୧୦ରୁ ଊର୍ଦ୍ଧ୍ୱ ପରିବାରର ୧୦୦ ଜଣରୁ ଅଧିକ ଅନ୍ୟ ଦଳର କର୍ମୀ ଆସି ବିଜେଡିରେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ସମସ୍ତଙ୍କୁ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ । ଏହି ମିଶ୍ରଣ ପର୍ବରେ ଜିଲ୍ଲା ପରିଷଦ ସଭ୍ୟ ବେଣୁଧର ଜେନା, ନିଶାକର ସେଠି, ବରିଷ୍ଠ ବିଜେଡି ନେତା ସୁଧାଂଶୁ ବାରିକ, ବ୍ରଜକିଶୋର ବିଶ୍ୱାଳ, ପଞ୍ଚାନନ ଦାସ ଓ ଲିପ୍ରେନ୍ଦୁ ମହାନ୍ତିଙ୍କ ସମେତ ବହୁ ବିଜେଡିର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ଏବଂ ସର୍ବପରି ବସ୍ତା ବିଧାୟିକାଙ୍କ ଲୋକାଭିମୁଖୀ କାର୍ଯ୍ୟରେ ପ୍ରଭାବିତ ହୋଇ ବିଜେଡି ପରିବାରରେ ସାମିଲ ହୋଇଥିବା କଥା ନବାଗତ ସଦସ୍ୟ ଚର୍ତୁଭୂଜ ମହାନ୍ତି, ସନ୍ତୋଷ ପରିଡ଼ା, ଅଶୋକ ସେଠି, କୈଶଲ୍ୟା ସେଠି, ଅଶୋକ ଧଳ, ହରେକୃଷ୍ଣ ରଙ୍ଗ, ବାସନ୍ତୀ ଧଳ ଓ ରାମଚନ୍ଦ୍ର ମହାନ୍ତି ପ୍ରମୁଖ ପ୍ରକାଶ କରିଥିଲେ ।




# ୨୪ତମ ପ୍ରତିଭା ମହୋତ୍ସବ ଉଦ୍‌ଘାଟିତ

**ଖଇରା, ୩୧।୧ (ସମିସ):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପଳସା ପଡ଼ିଆରେ ୨୪ତମ ପ୍ରତିଭା ମହୋତ୍ସବ ଶୁକ୍ରବାର ସଂଧ୍ୟାରେ ଉଦ୍‌ଘାଟିତ ହୋଇ ଯାଇଛି । କୁପାରୀ ରିଦମ ଡ୍ୟାନ୍ସ ଗ୍ରୁପର ପ୍ରତ୍ୟେକଟି ନୃତ୍ୟ ସାଙ୍ଗକୁ ଶୁଭାଶିଷ ମହାକୁଡଙ୍କ ସଙ୍ଗୀତ, ରାଜ୍ୟ ସଂସ୍କୃତି ବିଭାଗ ପ୍ରେରିତ ସମ୍ବଲପୁରୀ ନୃତ୍ୟ ତଥା ଅର୍କେଷ୍ଟ୍ରା ସଙ୍ଗିତ ସୁଧା ପକ୍ଷରୁ ସମସ୍ତ ପରିବେଷଣ ଦର୍ଶକଙ୍କୁ କାର୍ଯ୍ୟକ୍ରମର ଶେଷଯାଏ ବାନ୍ଧି ରଖିଥିଲା । ସଭାପତି ବସନ୍ତ କୁମାର ଖିଲାରଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଘାଟନୀ ସଭାରେ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ପ୍ରାକ୍ତନ ଅଧ୍ୟକ୍ଷ ଅରୁଣ କୁମାର ପାଢ଼ୀ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ତଥା ସ୍ଥାନୀୟ ସରପଞ୍ଚ ମନୋରଞ୍ଜନ ସାହୁ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖପତ୍ର ପ୍ରତିଭା ଉନ୍ମୋଚିତ ହେବା ପରେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତାର କୃତିତ୍ୱ ହାସଲକାରୀ ପ୍ରତିକ ବିଶ୍ୱାଳ, ପରିଣିତି ଦାସ, ସୂର୍ଯ୍ୟକାନ୍ତ ପୃଷ୍ଟି, ଶୁଭସ୍ମିତା ପାତ୍ର, କଳ୍ପନା ପରିଡ଼ା, ବସନ୍ତ ମଞ୍ଜରୀ ସାମଲ, ଆରାଧ୍ୟା ମହାପାତ୍ର, ଶୁଭମ ବେହେରା, ଦିପଙ୍କର ତ୍ରିପାଠୀ, ଦିବ୍ୟାସା ଦାସ, ମନିଶା ପାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ସମ୍ପାଦକ ରଘୁନାଥ ପତ୍ରୀ ବିବରଣୀ ପାଠ, ଶଶିକାନ୍ତ ଦାସ ଓ ବିମଳ କୁମାର ବାରିକ ମଞ୍ଚ ପରିଚାଳନା ଓ କୁଞ୍ଜଲତା ମାହୁନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ସକାଳେ ଆଇଆଇସି ଭୁବନ ମୋହନ ସେଠୀଙ୍କ ଦ୍ୱାରା ପତାକା ଉତ୍ତୋଳନ ପରେ ଆପରାହ୍ନରେ ଆୟୋଜିତ ନୃତ୍ୟ ସଙ୍ଗୀତ ପ୍ରତିଯୋଗିତାକୁ ଡା ପ୍ରଭାକର ପଣ୍ଡା ଓ ପ୍ରାକ୍ତନ ଯୁଗଳ କିଶୋର ଗାହାଣ ଉଦ୍‌ଘାଟନ କରିଥିଲେ ।




## ପ୍ରଧାନଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

**ଖଇରା, ୩୧।୧(ସମିସ):** ବାଲେଶ୍ୱର ଜିଲା ଖଇର ବ୍ଲକ ଅଧୀନ ଭୀମନାଥପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ଜୟନ୍ତୀ ଜେନାଙ୍କୁ ଶନିବାର ଦିନ ସେବା ନିବୃତ୍ତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଡୁଙ୍ଗୁରା କ୍ଲଷ୍ଟରର ସିଆରସିସି ନେତ୍ରାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ଡୁଙ୍ଗୁରା ହାଇସ୍କୁଲର ପ୍ରଧାନଶିକ୍ଷୟତ୍ରୀ ମାୟାଧର ସାହୁ ମୁଖ୍ୟ ଅତିଥି, ସମିତିସଭ୍ୟା ପ୍ରତିନିଧି ଶିଶିର ସାମଲ ମୁଖ୍ୟବକ୍ତା, ବିଭିନ୍ନ ଶିକ୍ଷକ ସଂଘର କର୍ମକର୍ତ୍ତା ନାରାୟଣ ଚନ୍ଦ୍ର ମହାପାତ୍ର, ଲମ୍ବୋଦର ଦାସ ଓ ଗୋବିନ୍ଦ ଚନ୍ଦ୍ର ପଣ୍ଡା, ପୁର୍ବତନ ସିଆରସିସି ଅପର୍ଣ୍ଣା ମଞ୍ଜରୀ ବେହେରା ଓ ଶ୍ରୀଧର ପରିଡ଼ା, ପ୍ରାକ୍ତନ ଶିକ୍ଷକ କମଳାକାନ୍ତ ନାୟକ, କ୍ଷୀରୋଦ ମହାପାତ୍ର ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ମମିତାରାଣୀ ରାଉତ ବିବରଣୀ ପାଠ, ସିଆରସିସି ଦୂର୍ଗାମାଧବ ଜେନା ମଞ୍ଚ ପରିଚାଳନା, ଶିକ୍ଷୟତ୍ରୀ ନିବେଦିତା ସୂତାର ଧନ୍ୟବାଦ ଅର୍ପଣ କରିଥିଲେ । ପରିଚାଳନା କମିଟି ଛାତ୍ରୀଛାତ୍ରଙ୍କ ପକ୍ଷରୁ ବିଦାୟୀ ଶିକ୍ଷୟତ୍ରୀଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।

## ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ସିମୁଳିଆ, ୩୧।୧ (ସମିସ):** ବାରିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଦାଧର ସିଂଙ୍କୁ ବିଦ୍ୟାଳୟ ପକ୍ଷରୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ଶିକ୍ଷକ ସମନ୍ୱୟ ସଭାପତି କଳ୍ପତରୁ ଦାଶଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସିମୁଳିଆ ବିଇଓ ସୁଧାଂଶୁ ଶେଖର ଜେନା ଯୋଗଦେଇ ସଭାକୁ ଉଦଘାଟନ କରିଥିଲେ । ଶିକ୍ଷୟିତ୍ରୀ କ୍ରିଷ୍ଟାରାଣୀ ଶିଅଳ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହକାରୀ ଶିକ୍ଷୟତ୍ରୀ ମନସ୍ୱିନୀ ରାୟ ବିବରଣୀ ପାଠ କରିଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଡ଼. ରବୀନ୍ଦ୍ର କୁମାର ବିଶ୍ୱାଳ, ବିଆରସିସି ଅଜୟ କୁମାର ପଣ୍ଡା, ସରପଞ୍ଚ ଧରଣୀଧର ନାୟକ, ସମିତି ସଭ୍ୟ ଗଜେନ୍ଦ୍ର ପ୍ରସାଦ ସେଠି, ସିଆରସିସି ରବୀନ୍ଦ୍ର ପ୍ରସାଦ ବେହେରା, ପୂର୍ବତନ ସରପଞ୍ଚ ସରୋଜିନୀ ମହାପାତ୍ର, ସାଇ ଦୁଃଖୀ ଶଙ୍ଖାଳି ହାଇସ୍କୁଲର ପ୍ରଧାନ ଶିକ୍ଷକ ନିରାକାର ଜେନା, ଶିକ୍ଷକ ସମନ୍ୱୟ ସମିତି ସମ୍ପାଦକ ଶରତ ଚନ୍ଦ୍ର ନାୟକ, ପୂର୍ବତନ ସିଆରସିସି ମନୋରଞ୍ଜନ ବେହେରା, ପରିଚାଳନା କମିଟି ସଭାପତି ସଞ୍ଜୟ କୁମାର ପଡ଼ିହାରି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।

# ରାସ୍ତା ସମ୍ପ୍ରସାରଣ ବନ୍ଦ ଦାବି

**କାଳିପଦା, ୩୧।୧ (ସମିସ):** ଦକ୍ଷିଣ ବାଲିଆପାଳ ଅଞ୍ଚଳର ମୁଖ୍ୟ ବ୍ୟବସାୟ ପେଣ୍ଠ ସ୍ଥଳୀ କାଳିପଦା ବଜାରକୁ ରାସ୍ତାର ସମ୍ପ୍ରସାରଣରେ ବଜାରକୁ ଭାଙ୍ଗିବାକୁ ଦିଆଯିବ ନାହିଁ। ରାସ୍ତା ପାଇଁ ସରକାର ବିକଳ୍ପ ରାସ୍ତା ବାଛନ୍ତୁ ବୋଲି ବଜାର କମିଟି ପକ୍ଷରୁ ଶନିବାର କାଳିପଦା ବଜାରରେ ଥିବା କାଳୀ ମନ୍ଦିର ପ୍ରାଙ୍ଗଣରେ ସାମ୍ବାଦିକ ସମ୍ମିଳନୀରେ କାଳିପଦା ବଜାର କମିଟି ସଭାପତି ନିତ୍ୟାନନ୍ଦ ଦାସ ପ୍ରକାଶ କରିଛନ୍ତି । ବଜାର କମିଟି ସଭାପତି ଶ୍ରୀ ଦାସ କହିଛନ୍ତି ଯେ ବାଲିଆପାଳ ବ୍ଲକର ଦକ୍ଷିଣ ବାଲିଆପାଳର ୧୫ଟି ପଞ୍ଚାୟତର ମୁଖ୍ୟ ବଜାର ହେଉଛି କାଳିପଦା ବଜାର । ବାଲିଆପାଳ ବ୍ଲକ ଛକରୁ ଡଗରା ରାସ୍ତାଟି ଏହି ବଜାର ମଝିଦେଇ ଯାଇଛି । ଏହି ରାସ୍ତାକୁ ସରକାର ସମ୍ପ୍ରସାରଣ କରିବା ପାଇଁ ନୋଟିସ କରି ଛନ୍ତି । ଏହାକୁ କେବେ ସଫଳ କରିବାକୁ ଦିଆଯିବ ନାହିଁ। କାଳିପଦା ବଜାର ଉପରେ ଶହ ଶହ ପରିବାର ନିର୍ଭର କରୁଛନ୍ତି । ବଜାରକୁ ଭାଙ୍ଗି ରାସ୍ତା କରିବାକୁ ସରକାର ଯେଉଁ ପ୍ରୟାସ କରିଛନ୍ତି ସେଥିରୁ କ୍ଷାନ୍ତ ରୁହନ୍ତୁ ।ନଚେତ ଆବଶ୍ୟକ ପଡ଼ିଲେ ଆନ୍ଦୋଳନକୁ ଓହ୍ଲେଇବୁ । ହାଇକୋର୍ଟ କିମ୍ବା ସୁପ୍ରିମକୋର୍ଟକୁ ଯିବାକୁ ପଛାଇବୁ ନାହିଁ ବୋଲି ଏହି ସମ୍ମିଳନୀରେ କଳିପଦା ବଜାର କମିଟିର ସଭାପତି ଶ୍ରୀ ଦାସ, ଭିଟାମାଟି ସୁରକ୍ଷା କମିଟିର ଆବାହକ ଅରୁଣ ଜେନା, ଅନନ୍ତ ପିଳା, କାର୍ତିକ ସାହୁ, ମନ୍ମଥ ଧଳ, ଧ୍ରୁବ ସାହୁ, କାର୍ତ୍ତିକ ମହାନ୍ତି ପ୍ରମୁଖ ଉପସ୍ଥିତ ହୋଇ ସରକାରଙ୍କୁ ଚେତାବନୀ ଦେଇଛନ୍ତି ।




## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

**କାଳିପଦା, ୩୧।୧ (ସମିସ):** ବାଲିଆପାଳ ବ୍ଲକ ଶ୍ରୀରାମପୁର ଗ୍ରାମର ଧର୍ମପରାୟଣ ବ୍ୟକ୍ତି ତଥା ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ଶଙ୍କର ଚରଣ ସାହୁଙ୍କ ଭୁବନେଶ୍ୱରସ୍ଥିତ କିମ୍ସ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ଘଟିଛି । ମୃତ୍ୟୁବେଳକୁ ତାଙ୍କୁ ୮୪ବର୍ଷ ବୟସ ହୋଇଥିଲା । ସ୍ୱର୍ଗତଃ ସାହୁଙ୍କ ବିୟୋଗରେ ବସ୍ତା ବିଧାୟିକା ସୁବାସିନୀ ଜେନା ଗଭୀର ଶୋକ ବ୍ୟକ୍ତ କରିଛନ୍ତି । ମୃତ୍ୟୁଶଯ୍ୟା ସମୟରେ ସାନ ପୁଅ କାର୍ତ୍ତିକ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀମାନେ, ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ । ଶନିବାର ଗାଁ ମଶାଣିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ବଡ଼ ପୁଅ ଅବସର ପ୍ରାପ୍ତ ସେନାଧିକାରୀ ସୁବୋଧ ସାହୁ ମୁଖାଗ୍ନି ଦେଇଥିଲେ ।

## ଯୁବକଙ୍କ ଦୁଇଟି ଯାକ କିଡ୍‌ନୀ ନଷ୍ଟ, ଚିକିତ୍ସାରେ ଅର୍ଥାଭାବ

# ସ୍ୱାମୀର ଜୀବନ ପାଇଁ ଭିକ ମାଗୁଛି ସ୍ତ୍ରୀ

ରାଜଘାଟ, ୩୧।୧ (ସମିସ)



କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ ହୋଇଛି ଘରର ମୁରବୀ। ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିବା ବେଳେ ସ୍ୱାମୀର ଜୀବନ ବଞ୍ଚାଇବା ପାଇଁ ଠାକୁରଙ୍କ ପାଖରେ ଦୀପ ଜାଳିବା ସହିତ ଦ୍ୱାର ଦ୍ୱାର ବୁଲି ଭିକ୍ଷାବୃତି କରୁଛି ସ୍ତ୍ରୀ। ଏମିତି ଏକ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ବସ୍ତା ବ୍ଲକ ନଟାକଟା ପଞ୍ଚାୟତ ଅନ୍ତର୍ଗତ ଚାଷୀପଡ଼ା ଗ୍ରାମରେ। ଗ୍ରାମର ଛାୟାବତୀ ରଣାଙ୍କ ପୁଅ ସତ୍ୟବ୍ରତ(୪୦) ଆଜକୁ କୋଡିଏରୁ ଅଧିକ ବର୍ଷ ଧରି ବିଭିନ୍ନ ଜଳଖିଆ ଦୋକାନରେ କାରିଗର ଭାବେ କାର୍ଯ୍ୟ କରି ଆସୁଥିଲେ। ତେବେ ବିବାହ ହେବା ପରେ ସ୍ୱଳ୍ପ ଦରମାରେ ଚଳିବା କଷ୍ଟକର ହୋଇପଡ଼ିବାରୁ ଅନ୍ୟ ପାଖେ କାହିଁକି ଖଟିବେ ନିଜେ ସ୍ୱାବଲମ୍ବୀ ହୋଇ ପରିବାର ପ୍ରତିପୋଷଣ କରିବା ଆଶା ରଖି ଅମର୍ଦ୍ଦାରୋଡ ନିକଟରେ ଏକ ଜଳଖିଆ ଦୋକାନ କରିଥିଲେ । ତେବେ ଦିନ ତମାମ ଗରମ ନିଆଁ ଆଞ୍ଚ ଓ ତେଲ କଢେଇ ପାଖରେ କାମ କରିବା ଏବଂ ଖାଦ୍ୟପେୟରେ ଅସମୟାନୁବର୍ତ୍ତିତା ଯୋଗୁଁ ତାଙ୍କୁ ବିଭିନ୍ନ ରୋଗ ଗ୍ରାସ କରିଥିଲା । ତେବେ ୧୨ ବର୍ଷ ପୂର୍ବେ ତାଙ୍କୁ ଡାଇବେଟିସ ରୋଗର ଲକ୍ଷଣ ଦେଖା ଦେଇଥିଲା । ତେବେ ଔଷଧ ଖାଇବା ପରେ ତାହା ନିୟନ୍ତ୍ରଣ ଭିତରକୁ ଆସିଥିଲା । କିଛି ଦିନପରେ ତାଙ୍କର ପାଦ ଫୁଲିବାରୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନେଇ ପରୀକ୍ଷା ନିରୀକ୍ଷା କରାଇଲେ । ମାତ୍ର ସେଠାରେ ଡାକ୍ତର ଯାହା କହିଲେ ପରିବାର ଲୋକଙ୍କ ପାଦତଳୁ ମାଟି ଖସି ଯାଇଥିଲା । ସତ୍ୟବ୍ରତଙ୍କ ଦୁଇଟି ଯାକ କିଡନି ନଷ୍ଟ ହୋଇଥିବାରୁ ଅପରେସନ କରିବା ସହିତ କିଡନି ପ୍ରତ୍ୟାରୋପଣ କରିବାକୁ ପଡ଼ିବ ଯେଉଁଥି ପାଇଁ ୧୮ ଲକ୍ଷରୁ ଅଧିକ ଟଙ୍କା ଆବଶ୍ୟକ ବୋଲି ଡାକ୍ତର ପରାମର୍ଶ ଦେଇଥିଲେ। ସତ୍ୟବ୍ରତ ଜଣେ ଗରିବ ପରିବାରର ହୋଇଥିବା ବେଳେ ଜଳଖିଆ ଦୋକାନ କରି ପରିବାର ପ୍ରତିପୋଷଣ କରିଆସୁଥିଲେ । ତେଣୁ ଏତେଗୁଡିଏ ଟଙ୍କା କୋଉଠୁ ଯୋଗାଡ଼ କରିବେ ସେଥି ପାଇଁ ସତ୍ୟବ୍ରତଙ୍କ ସମେତ ପରିବାର ଲୋକେ ବହୁତ ଚିନ୍ତିତ ଥିଲେ । ଡାକ୍ତରଙ୍କ ପରାମର୍ଶ କ୍ରମେ ସତ୍ୟବ୍ରତଙ୍କୁ ମାସକୁ ୮ଥର ଡାଏଲିସିସ ପାଇଁ ଡାକ୍ତରଖାନାକୁ ନେବା ଆଣିବାରେ ମାସକୁ ୫ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଉଛି । ଘରର ଆର୍ଥିକ ସ୍ଥିତି ସେତେ ସ୍ୱଚ୍ଛଳ ନୁହେଁ। ଜମିବାଡି ଆଦୌ ନଥିବାରୁ କେବଳ ମାସକୁ ରାସନ ଚାଉଳ ତାଙ୍କ ପାଇଁ ସାହା ଓ ଭରସା ପାଲଟିଛି। ଦୋକାନଟି ତାଙ୍କ ପାଇଁ ସବୁକିଛି ଥିଲା ମାତ୍ର ଯେବେ ଠାରୁ ସତ୍ୟବ୍ରତ ରୋଗ ଶଯ୍ୟାରେ ପଡ଼ିଲେଣି ସେବେ ଠାରୁ ଦୋକାନ ବନ୍ଦ ହୋଇ ପଡ଼ିଛି । ଫଳରେ ଘରେ ଥିବା ବୃଦ୍ଧା ଶାଶୁ, ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବା ପୁଅ ଏବଂ ସ୍ୱାମୀଙ୍କ ଖର୍ଚ୍ଚ କିପରି ବହନ କରିବେ ତାହା ଭାବି ସ୍ତ୍ରୀ ଲକ୍ଷ୍ମୀପ୍ରିୟାଙ୍କ ଆଖିରୁ ଲୁହ ଶୁଖୁନାହିଁ । ଏଣୁ ସ୍ୱାମୀର ଜୀବନ ବଞ୍ଚାଇବା ପାଇଁ ବାଧ ହୋଇ ଲକ୍ଷ୍ମୀପ୍ରିୟା ଦ୍ୱାର ଦ୍ୱାର ବୁଲି ଭିକ୍ଷାବୃତ୍ତି କରିବା ସହ ଏକ ସିଲେଇ ମେସିନରେ ଶାଳପତ୍ର ସିଲାଇ କରି ଟଂକା ଯୋଗାଡ଼ କରିବାରେ ଲାଗିପଡ଼ିଛନ୍ତି । ତେବେ ଦିନକୁ ଦିନ ସତ୍ୟବ୍ରତଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାକୁ ଲାଗିଥିବା ବେଳେ ୩ମାସ ମଧ୍ୟରେ ଅପରେସନ କରିବା ପାଇଁ ଡାକ୍ତର ପରାମର୍ଶ ଦେଇଛନ୍ତି । ହେଲେ ଏହି ସ୍ୱଳ୍ପ ସମୟ ମଧ୍ୟରେ ତାହା ଯୋଗାଡ଼ କରିବା ଲକ୍ଷ୍ମୀପ୍ରିୟାଙ୍କ ପକ୍ଷେ ଅସମ୍ଭବ ହୋଇପଡ଼ିଛି । ତେଣୁ ସହାୟତା ପାଇଁ ଲକ୍ଷ୍ମୀପ୍ରିୟା ମୁଖ୍ୟମନ୍ତ୍ରୀ, ଜିଲା ପ୍ରଶାସନ ଆଦିଙ୍କୁ ନିବେଦନ କରିଛନ୍ତି । ଚିକିତ୍ସା ପାଇଁ ସରକାର କିମ୍ବା କୌଣସି ସହୃଦୟ ବ୍ୟକ୍ତି ସହାୟତାର ହାତ ବଢ଼ାନ୍ତି ତାହାହେଲେ ସତ୍ୟବ୍ରତଙ୍କର ସହଜ ଅସ୍ତ୍ରୋପଚାର ହୋଇପାରନ୍ତା ।

